## ସଂକ୍ଷେପରେ

### ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ

ଖଡ଼ିଆଳ,୨୨।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତର ମହୁଲକୋଟ ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଯୁବକଙ୍କ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ହେଲେ ସୁବାଷ ଚନ୍ଦ୍ର ଶବର (୨୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନୂଆଁଖାଇ ବାସୀ ଗୁରୁବାର ଗ୍ରାମର ଦୁଃଶାସନ ଶବରଙ୍କ ପୁଅ ସୁବାଷ କୌଣସି ଖାଦ୍ୟ ଖାଇ ରାତ୍ରିରେ ବାନ୍ତି କରିଥିଲେ। ତାଙ୍କୁ ଶୁକ୍ରବାର ଖଡ଼ିଆଳ ମିଶନ ହସ୍ପିଟାଲରେ ଚିକିତ୍ସା କରାଯାଉ ଥିବାବେଳେ ସକାଳ ୯ଟାରେ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ମୃତକଙ୍କ ବଡଭାଇ ଲକ୍ଷ୍ମୀଧର ଶବର ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାରେସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ଭାନୁମତି ବେହେରା ପ୍ରକାଶ କରିଛନ୍ତି।

### ବାଇକ୍‌ରୁ ପଡ଼ି ଜଣେ ମୃତ

ନୂଆପଡ଼ା,୨୨।୯(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ୩୫୩ ଜାତୀୟ ରାଜପଥ ପେଣ୍ଡରାବନ ବ୍ରିଜ ଉପରେ ଖାଲଖମା ଯୋଗୁ ଦୁର୍ଘଟଣାରେ ଜଣକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଖଡ଼ିଆଳ ବ୍ଲକ ରଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗାଁର ହିରମନି ଶବର (୩୫)। ସୂଚନା ଅନୁସାରେ ଶୁକ୍ରବାର ବାଇକ ଯୋଗେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ନୂଆପଡ଼ା ଅଭିମୁଖେ ଯାଉଥିବା ବେଳେ ପେଣ୍ଡରାବନ ବ୍ରିଜ ଉପରେ ଖାଲଖାମାରେ ହଠାତ୍ ବାଇକ ଚକ ଖାଲରେ ପଡ଼ି ଯିବା ଯୋଗୁ ପଛପଟେ ବସି ଥିବା ସ୍ତ୍ରୀ ଛିଟିକି ପଡ଼ି ଯାଇଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି କୋମନା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି।

### ରାଜ ଗଣ୍ଡ କ୍ଷତ୍ରିୟ ସମାଜ ପକ୍ଷରୁ ସାମୂହିକ ନୂଆଁଖାଇ

ଖଡ଼ିଆଳ,୨୨।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁମେରବାହାଲ ଗ୍ରାମ ମାଝିପଡାର ରାଜ ଗଣ୍ଡ ସମାଜ ପକ୍ଷରୁ ସାମୂହିକ ନୂଆଁଖାଇ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୨୦୦ ଶହ ଜଣ ଏକା ସାଙ୍ଗରେ ନୂଆଁଖାଇଥିଲେ। ପ୍ରଥମେ ଘର ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ମା’ ଲକ୍ଷ୍ମୀଙ୍କୁ ପୂଜା କରି ସାମୁହିକ ନୂଆଁଖାଇ ଥିଲେ। ଏଥିରେ ପରିବାର ବୟଜ୍ୟୋଷ୍ଠ ସଦସ୍ୟ ଧନିରାମ ମାଝି, ଲଳିତ ମୋହନ ମାଝି, ପୁରୁନ ମାଝି, ଅରୁଣ ମାଝି, ଅରବିନ୍ଦ ମାଝି, କବି ମାଝିଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଏକା ସାଙ୍ଗରେ ନୂଆଁଖାଇ ଥିଲେ।

# ଧୀରେ ଧୀରେ କୋଳ ଭରୁଛି ଇନ୍ଦ୍ରାବତୀ

ଭବାନୀପାଟଣା,୨୨।୯(ଉତ୍ତମ କୁମାର ଦାଶ)


ଇନ୍ଦ୍ରାବତୀ ଜଳ ଭଣ୍ଡାର।

■ଜଳ ସଂରକ୍ଷଣ ୫୮ ପ୍ରତିଶତକୁ ଛୁଇଁଲା
■ଗତ ବର୍ଷ ଥିଲା ୮୫ ପ୍ରତିଶତ

କଳାହାଣ୍ଡି ଜିଲା ଅର୍ଥନୈତିକ ବିକାଶ ପାଇଁ ଇନ୍ଦ୍ରାବତୀର ଜଳ ସେଚନ ଏକ ନିର୍ଭର ଯୋଗ୍ୟ ମାଧ୍ୟମ ପାଲଟିଛି। ହେଲେ ଚଳିତବର୍ଷର ନିଅଣ୍ଟିଆ ବର୍ଷା ଇନ୍ଦ୍ରାବତୀ ପାଇଁ ସର୍ବକାଳୀନ ସର୍ବନିମ୍ନସ୍ତରକୁ ଜଳସ୍ତର ପହଞ୍ଚିବା ରେକର୍ଡ ସୃଷ୍ଟି କରିଥିଲା। ଚଳିତ ଖରିଫ ଜଳ ସେଚନ ୬୨୯.୬୮ମିଟର ଅର୍ଥାତ ୨୦.୯୨ପ୍ରତିଶତ ଜଳସ୍ତର ଥିବା ବେଳେ ଏକ ଅନିଶ୍ଚିତତା ମଧ୍ୟରେ ୧.୧୫ ଲକ୍ଷ୍ୟ ହେକ୍ଟର ଜମିରେ ଜଳ ସେଚନ ଆରମ୍ଭ କରାଯାଇଥିଲା। ତିନି ମାସରୁ ଊର୍ଦ୍ଧ୍ୱ ସମୟ ଧରି ସୀମିତ ସମ୍ବଳ ମଧ୍ୟରେ ଜଳ ସେଚନ ଅବିରତ ଚାଲିବା ପରେ ଗୁରୁବାର ଜଳସ୍ତର ୫୮ ପ୍ରତିଶତକୁ ଛୁଇଁବା ପରେ ସମସ୍ତଙ୍କ ମୁହଁରେ ନିର୍ଭରତାର ହସ ଦେଖିବାକୁ ମିଳିଛି। ଇନ୍ଦ୍ରାବତୀ ଜଳଭଣ୍ଡାର ଗୋଦାବରୀ ବେଶିନ ମଧ୍ୟରେ ଅବସ୍ଥିତ ଥିବା ବେଳେ ତାହାରି ପରିଧିର ୨୬୩୦ ବର୍ଗ କିଲୋମିଟର କେଚ ମେଣ୍ଟ ଇଲାକାରୁ ଜଳ ସଂଗୃହିତ ହୋଇ ୧୧୦ ବର୍ଗ କିଲୋମିଟର ବିସ୍ତୃତ ଜଳ ଭଣ୍ଡାର ମଧ୍ୟରେ ଜଳ ସଂଗୃହିତ ହେଉଛି। ଯାହାକି କଳାହାଣ୍ଡି ଜିଲା ପାଇଁ ଦୁଇ ଫସଲି ଚାଷ ଦେଇ ପାଳକ ସାଜି ଥାଏ। ପୁନଶ୍ଚ ଗୋଦାବରୀ ବେଶୀନର ପାଣି ଟନେଲ ମାଧ୍ୟମରେ ମହାନଦୀ ବେସିନର ଅଂଶ ବିଶେଷ ପାଲଟିଯାଏ। ଚଳିତବର୍ଷ ଅନିଶ୍ଚିତତା ମଧ୍ୟରେ ଇନ୍ଦ୍ରାବତୀ ଜଳଭଣ୍ଡାର ଖରିଫ ଜଳ ସେଚନ ଆରମ୍ଭ କରାଯାଇଥିଲା। ବିଭିନ୍ନ ସମୟରେ ଲଘୁଚାପ ଜନିତ ବର୍ଷା ଏବେ ଜଳଭଣ୍ଡାରର ସ୍ଥିତିକୁ ଏକ ନିର୍ଭର ଯୋଗ୍ୟ ସ୍ଥାନରେ ପହଞ୍ଚାଇବା ସହିତ ଜଳସ୍ତର ୬୩୬ ମିଟରକୁ ଛୁଇଁ ପ୍ରାୟ ୫୮ ପ୍ରତିଶତରେ ପହଞ୍ଚି ଥିବା ଜଣାପଡ଼ିଛି। ଗତ ୩ ଦିନ ମଧ୍ୟରେ ବର୍ଷା ନ ହେବା ସତ୍ତ୍ୱେ ମଧ୍ୟ ଚିରସ୍ରୋତା ଇନ୍ଦ୍ରାବତୀ, କପୁର, ମୂରାନ, ଓ ପୋଡ଼ା ଗଡ ସମେତ ଶତାଧିକ ପାହାଡି ଝରଣା ନିଜସ୍ୱ ସ୍ରୋତ ରହିଥିବାରୁ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧୮୨.୬୬୧ କ୍ୟୁସେକ୍ ଜଳ ପଶୁଥିବା ବେଳେ ୭୮.୭୧ କ୍ୟୁସେକ୍ ଜଳ ବର୍ହିଗତ ହେଉଥିବା ଜଣାପଡିଛି। ସେହିପରି ପରବର୍ତ୍ତୀ ୩.୧୨ କ୍ୟୁସେକ୍ ଜଳ ବାଷ୍ପ ହୋଇ ଉପରକୁ ଉଠି ଯାଉଥାଏ ବୋଲି ପ୍ରକାଶ। ପରବର୍ତ୍ତୀ ସମୟରେ ଅଧିକ ବର୍ଷା ହେଲେ ଜଳ ପଉନର ଅଧିକ ସୁଧାର ଆସିବ ବୋଲି ସମସ୍ତେ ଆଶା ବାନ୍ଧି ବସିଛନ୍ତି। ଗତ ବର୍ଷ ଆଜିର ଦିନରେ ୬୪୦.୩୬ ମିଟର ଅର୍ଥାତ ୮୫.୭୧୭ ପତିଶତ ରହିଥିଲା ବୋଲି ଜଣାପଡିଛି।

# ନୂଆଁଖାଇ ଭେଟ୍‌ଘାଟ୍, ଶିଶୁଙ୍କ ପ୍ରତିଯୋଗିତା

ରୁପ୍ରାରୋଡ୍,୨୨।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗୌନ୍ତିଆପଡା ସାଂସ୍କୃତିକ ଅନୁଷ୍ଠାନରେ ନୂଆଁଖାଇ ଭେଟଘାଟ ଓ ଶିଶୁଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ଭାଇ ଓ ଭଉଣୀ ଗ୍ରୁପ ମଧ୍ୟରେ ମ୍ୟୁଜିକ ଚେୟାର, ଚକୋଲେଟ ଡିଆଁ, ପୁଚି, ହାଣ୍ଡି ପିଟା ଆଦି ଖେଳ କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ପୋଢ, ପୂର୍ବତନ ୱାର୍ଡ଼ ସଭ୍ୟ ଭୁବନେଶ୍ୱର କରୁଆଁ, ଶିକ୍ଷକ ମଗନଲାଲ ବୈଠାରୁ, ବୟଜ୍ୟେଷ୍ଠ ନନ୍ଦକିଶୋର ଭୋଇ, ଗାଁ ଗୌନ୍ତିଆ ବିଘ୍ନରାଜ ଭୋଇ ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ହରିହର ଭୋଇ, ଟୁକୁ କରୁଆଁ, ରୋହିତ ସାଇଁ, ଆଶିଷ ଭୋଇ, ଭାରତଭୂଷଣ କରୁଆଁ, ଚିତ୍ତରଞ୍ଜନ କରୁଆଁ, ସୁନୀଲ ଭୋଇ, ବିକାଶ ଭୋଇ, ପ୍ରମୋଦ ଭୋଇ, ପିଣ୍ଟୁ କରୁଆଁ, ଘନଶ୍ୟାମ କରୁଆଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମ


ଆୟୁଷ୍ମାନ ଭଃ କାର୍ଯ୍ୟକ୍ରମରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

କେସିଙ୍ଗା,୨୨।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମ ଡ଼ଃ. ଦୀପ୍ତିମାନ ବେହେରା (ମେଡ଼ିଶିନ ସ୍ପେସାଲିଷ୍ଟ)ଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳରେ ନୂଆଁଖାଇ ଉତ୍ସବର ତୃତୀୟ ଦିବସ ଧୂମଧାମରେ ପାଳିତ ହେଉଥିବା ସତ୍ତ୍ୱେ ମଧ୍ୟ କେସିଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ରୋଗୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମାଗଣାରେ ସମସ୍ତ ପ୍ରକାର ଚିକିତ୍ସା ଓ ଔଷଧ ପାଇପାରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଗର୍ଭବତୀ, ପ୍ରସୂତୀ ଓ ଶିଶୁ ମାନଙ୍କୁ ମଧ୍ୟ ଚିକିତ୍ସା କରାଯାଇଥିଲା।

# ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ


ଆୟୋଜିତ ଏକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲାଞ୍ଜିଗଡ଼,୨୨।୯(ରମେଶ ଚନ୍ଦ୍ର ନାୟକ)

**ଲାଞ୍ଜିଗଡ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେଲେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକକୁ ଶୁକ୍ରବାର ଦିନିକିଆ ଗସ୍ତରେ ଆସି ପଶ୍ଚିମ ଓଡ଼ିଶା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ମିଶ୍ର ପ୍ରଥମେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ପହଞ୍ଚିବା ପରେ ୫-ଟି ଯୋଜନା ତଥା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ହୋଇଥିବା ବିଶ୍ୱନାଥପୁର ନିକଟସ୍ଥ ଡୁମେରମୁଣ୍ଡା ଶିବ ମନ୍ଦିର ପରିଦର୍ଶନ କରିଥିଲେ। ପରେ ବିଶ୍ୱନାଥପୁରଠାରେ ନିର୍ମାଣାଧୀନ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରକଳ୍ପ ପରିଦର୍ଶନ କରି ତଦାରଖ କରିଥିଲେ। ମିଶ୍ରଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଏହାପରେ ମିଶ୍ର ଲାଞ୍ଜିଗଡରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ଜଗନ୍ନାଥ କଲ୍ୟାଣ ମଣ୍ଡପର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶ୍ରୀ ଶ୍ରୀ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଶିବାଜୀ ମାଝି, ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳାଇ, ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ପରୀକ୍ଷିତ ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ଯୁଧିଷ୍ଠିର ପାତ୍ର, ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ସଭାପତି ଶ୍ରୀବସ୍ତ ତାଣ୍ଡି, ବେଦାନ୍ତ ସିଏସଆର ଓ ବାହ୍ୟ ବ୍ୟାପାର ମୁଖ୍ୟ ଭୃଦେନ୍ଦୁ ପଣ୍ଡା, ବେଦାନ୍ତ ସିଏସଆର ମୁଖ୍ୟ ଶିଶିର ତରଫଦାର, ଭଗବାନ ହୋତା, ଶିଶିର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରସାଦ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ସିଇଓ ଲାଞ୍ଜିଗଡରେ ପହଞ୍ଚିବା ପରେ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳୀ ସହିତ ମହିଳାମାନେ ବନ୍ଦାପନା କରି ଫୁଲମାଳ ଅର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପାଛୋଟି ନେଇ ପୂଜା ସ୍ଥଳକୁ ଯାଇ ସେଠାରୁ ମନ୍ଦିର ପରିକ୍ରମା କରି ପୂଜାସ୍ଥଳରେ କଲ୍ୟାଣ ମଣ୍ଡପର ଭୂମି ପୂଜନ କାର୍ଯ୍ୟକ୍ରମ ଶେଷ କରିଥିଲେ। ଭୂମି ପୂଜନରେ କର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ମହାରଣା କାର୍ଯ୍ୟ ତୁଲାଇଥିବା ବେଳେ ପୂଜା କାର୍ଯ୍ୟ ପୁରୋହିତ ନିକୁଞ୍ଜ ଶତପଥୀ ସମ୍ପାଦନ କରିଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

ନୂଆପଡ଼ା,୨୨।୯(ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ଦେଇ କଳାହାଣ୍ଡିକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସର ଗୋଡାଲ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସିନାପାଲି ଥାନା ଅନ୍ତର୍ଗତ ବଡ଼ଦର୍ଲିପଡ଼ା ଗ୍ରାମର କେଶରୀ ହାତୀ (୪୦) ଓ ଟିକେନ୍ଦ୍ର ବୈଠାରୁ (୩୨)। ସେହିପରି ବିଭୁତେନ୍ଦୁ ବିଭରାଜ ଦାସ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର କୌଣସି କାମରେ କେଶରୀ ଓ ଟିକେନ୍ଦ୍ର ଏକ ବାଇକ୍ ଯୋଗେ ଯାଉଥିଲେ। ଗୋଡାଲ ଛକ ନିକଟରେ ସାମ୍ନା ପଟୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ସିନାପାଲି କୋର୍ଟରେ କାର୍ଯ୍ୟରତ କର୍ମଚାରୀ ବିଭୁତେନ୍ଦୁଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ କେଶରୀ ଓ ଟିକେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ବିଭୁତେନ୍ଦୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଥିବା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି। ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ତଦନ୍ତ ଚଳାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର


ଭାଙ୍ଗି ଯାଇଥିବା ଘର ଆଗରେ ହିତାଧିକାରୀ।

ନୂଆପଡ଼ା,୨୨।୯(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁରେ ଲଗାଣ ବର୍ଷା ଯୋଗୁ ତିନି ଭାଇଙ୍କ ଘର ଭାଙ୍ଗି ଯିବାରୁ ଗୃହ ହିନ ହୋଇ ପଡିଛନ୍ତି। ଲଘୁଚାପ ଜନିତ ଲଗାଣ ହେବାରୁ ବେଲଗାଁର କାର୍ତ୍ତିକ ରାଉତ, ଈଶ୍ୱର ରାଉତ ଓ ପୀତାମ୍ବର ରାଉତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୩ ଭାଇଙ୍କ ୧୫ରୁ ଊର୍ଦ୍ଧ୍ୱ ସଦସ୍ୟ ଗାଁର ପଡୋଶୀ ଘରେ ଆଶ୍ରୟ ନେଉଛନ୍ତି। ବର୍ତ୍ତମାନ ବର୍ଷା ଜାରି ରହିଛି। କେତେ ଦିନ ଅନ୍ୟ ଘରେ ସାହାରା ନେଇ ରହିବୁ। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ସେହିପରି ତରବୋଡ ଗାଁର ପିଲୁ ବାରିକଙ୍କ ଘର ବର୍ଷାରେ ଭାଙ୍ଗିଯାଇଛି। ଭାଙ୍ଗି ଯାଇଥିବା ଘର ଆକଳନ ସହାୟତା ରାଶି ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ସୁନାମୁଖୀ ଶାନ୍ତିବନକୁ ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ

କେସିଙ୍ଗା,୨୨।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ମହଗାଁସ୍ଥିତ ସୁନାମୁଖୀ ଶାନ୍ତି ବନକୁ ସବୁଜ ସୁନ୍ଦର କରିବା ପାଇଁ ତୃତୀୟଥର ବୃକ୍ଷ ରୋପଣ କରିବାକୁ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି। କୁଣ୍ଡାବନ୍ଧ ସମିତି ସଭ୍ୟ, ବରିଷ୍ଠ ସାମାଜିକ କର୍ମୀ ତଥା ଗୋକୁଳରେଶର ପାକ୍ସ ସଭାପତି ମନୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହଗାଁର ବିଶିଷ୍ଟ ବ୍ୟକ୍ତି ଅନିରୁଦ୍ଧ ହରିଜନ ଓ ବୈଷ୍ଣବ ଶବରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ନେତୃତ୍ୱରେ ଏଠାରେ ଚାଲିଛି ବୃକ୍ଷରୋପଣ। ବିଶ୍ୱକର୍ମା ପୂଜା, ଗଣେଶ ଚତୁର୍ଥୀ ଓ ନୂଆଁଖାଇ ଉପଲକ୍ଷେ କଳାହାଣ୍ଡି ଜିଲାସାରା ଉତ୍ସବର ମାହୋଲ ଥିବାବେଳେ ସୁନାମୁଖୀ ଶାନ୍ତିବନରେ ଆୟୋଜିତ ହୋଇଥିଲା ତୃତୀୟ ପର୍ଯ୍ୟାୟ ବୃକ୍ଷରୋପଣ କାର୍ଯ୍ୟକ୍ରମ। ପଡୋଶୀ ସରିଆଁ ପଞ୍ଚାୟତ ସମିତି ସଭ୍ୟ ଭାସ୍କର ଭୋଇ ଓ ପୂର୍ବତନ ସରପଞ୍ଚ ଜନନୀ ଭୋଇ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଉପସ୍ଥିତ ପ୍ରକୃତିପ୍ରେମୀ ଓ ସୁନାମୁଖୀ ଶାନ୍ତିବନ କମିଟି ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ନାଟ୍ୟଗୁରୁ କେଶରୀ ଶବର, ପୂର୍ବତନ ସମିତି ସଭ୍ୟ ଗଜିନ୍ଦ୍ର ଶବର, ଦେବାର୍ଜନ ଶବର, ଭୋଲେନ ଶବର, ଚମରୁ ଶବର, ଜୟଦେବ ଶବର, ଭୋଦେବ ଶବର, ବରୁଣ ଭୋଇ, ଭାସ ଶବର, ଅଭି ଶବର, ରମେଶ ଶବର, ତରୁଣ ଶବର, ଉମ୍ବରୁଧର ଶବର, ଅରବିନ୍ଦ ଶବର, କୃପା ଶବର, ଦୟା ଶବର, ଜୟଦେବ ଶବର, ଧସ କେତନ ଗଉଡ, ଅବସର ପ୍ରାପ୍ତ ଶିକ୍ଷକ ସୁଦର୍ଶନ ଶବର, ଜାମଯୋରର ବିଦ୍ୟାଧର ଶବର, ଗୋକୁଳେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି ପ୍ରମୁଖ ବୃକ୍ଷରୋପଣ କରିଥିଲେ। ମହଗାଁ ଗ୍ରାମବାସୀ ବୃକ୍ଷରୋପଣ ପାଇଁ ଘର ପିଛା ଚାନ୍ଦା କରିଛନ୍ତି। ଏହାସହ ଅଞ୍ଚଳର ବଦାନ୍ୟ ବ୍ୟକ୍ତିମାନେ ମଧ୍ୟ ଆର୍ଥିକ ସହଯୋଗ କରିଛନ୍ତି। ଫଳରେ ଗତ କିଛି ବର୍ଷ ତଳେ ଶ୍ରୀହୀନ ହୋଇ ଯାଇଥିବା ସୁନାମୁଖୀ ଶାନ୍ତିବନ ପୁଣି ଥରେ ସବୁଜିମାରେ ଭରପୁର ହେବାକୁ ଲାଗିଛି। ପ୍ରକୃତିପ୍ରେମୀ ତଥା ଅଞ୍ଚଳବାସୀ ମହଗାଁ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଶାନ୍ତିବନ ପରିସରରେ ବୃକ୍ଷ ରୋପଣ କରାଯାଉଛି।

# ଖୈରାନି ପଞ୍ଚାୟତରେ ମୋବାଇଲ ସେବା ଅପହଞ୍ଚ

ନୂଆପଡ଼ା,୨୨।୯(ମକାରୁ ବେମାଲ)


ନିର୍ବାଚିତ ପ୍ରତିନିଧି ବୃନ୍ଦ।

■୭ ବର୍ଷ ହେଲା ନୂଆ ପଞ୍ଚାୟତ ମାନ୍ୟତା ମିଳିଛି
■ମୋବାଇଲ ଟାୱାର ସ୍ଥାପନ କରିବାକୁ ଦାବି

କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚାୟତଗୁଡିକୁ ଡିଜିଟାଲିକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ନୂଆପଡା ଜିଲାର ଖଇରାନି ପଞ୍ଚାୟତ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଆଜି ପର୍ଯ୍ୟନ୍ତ ପଞ୍ଚାୟତରେ ମୋବାଇଲ ଟାୱାର ନ ଥିବାରୁ ଅନ୍ୟ ପଞ୍ଚାୟତ ଟାୱାର ଉପରେ ଲୋକଙ୍କୁ ଭରସା କରିବାକୁ ପଡୁଛି। ଫଳରେ ଏଠାରେ ଡିଜିଟାଲ ସେବା ସମ୍ପୂର୍ଣ୍ଣ ଫେଲ ମାରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ନୂଆପଡା ସଦର ବ୍ଲକ ଖଇରାନି ପଞ୍ଚାୟତ ୭ ବର୍ଷ ହେଲା ନୂଆ ପଞ୍ଚାୟତ ମାନ୍ୟତା ପାଇଛି। ଏଠାରେ ପଞ୍ଚାୟତ ଅଫିସ, ସ୍କୁଲ, ସିଏସପି, ପୋଷ୍ଟ ଅଫିସ ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ରହିଛି। ତେବେ ମୋବାଇଲ ସେବା ଠିକ ଭାବେ ମିଳୁ ନ ଥିବାରୁ କୌଣସି ଡିଜିଟାଲ କାମ ହୋଇପାରୁ ନ ଥିବାର ଦେଖାଦେଇଛି। ପଞ୍ଚାୟତରେ ମୋବାଇଲ ଟାୱାର ବସାଇବାକୁ ଅନେକ ଥର ଲୋକେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବଣ୍ଟନ ସହ ପିଡିଏସ ଯୋଗାଣ ଏବଂ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆର୍‌ଜିଏସ୍ ପାଉଣା ପ୍ରଦାନ ଆଦି ସବୁ କାମକୁ ସରକାର ଡିଜିଟାଲଜେସନ କରିଛନ୍ତି। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟରେ ନେଟୱାର୍କ ଆସୁ ନ ଥିବାରୁ ସେଠାରେ କୌଣସି କମ୍ପ୍ୟୁଟର ବ୍ୟବସ୍ଥା କରାଯାଇ ନାହିଁ। ପଞ୍ଚାୟତ ପିଇଓ, ଜିଆରଏସ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ ହିଁ ଅନଲାଇନ କାମଗୁଡିକୁ କରୁଛନ୍ତି। ଯଦ୍ୱାରା ହିତାଧିକାରୀମାନେ ଠିକ ସମୟରେ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ଏହା ଏକ ବଡ ପଞ୍ଚାୟତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଔଷଧ ଦୋକାନ ସହ ଅନ୍ୟାନ୍ୟ ସାମଗ୍ରୀର ଦୋକାନ ରହିଛି। କିନ୍ତୁ ଅନଲାଇନ ପେମେଣ୍ଟ ହୋଇପାରୁ ନ ଥିବାରୁ ସେମାନଙ୍କୁ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିବା ବ୍ୟବସାୟୀମାନେ କହିଛନ୍ତ। ଏ ସବୁ ସମସ୍ୟା ଦୃଷ୍ଟିରେ ରଖି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମୋବାଇଲ ଟାୱାର ସ୍ଥାପନ କରିବାକୁ ସରପଞ୍ଚ ପଦ୍ମାବତୀ ମାଝି, ସମିତି ଅଭ୍ୟା ମେଘାଳୟା ଥପା, ସୀତାରାମ ମାଝି ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଶିଶୁପୁତ୍ର ମୃତ, ମା' ଗୁରୁତର

**ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ):** ରଗଡ଼ ବ୍ଲକ କଲାପାଣି ଏବଂ ଅତାବିରା ବ୍ଲକ ଶୁକୁଟାପାଲି ମଝିରେ ଯାଇଥିବା ରେଳ ଧାରଣାରୁ ଶୁକ୍ରବାର ମା'ପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ଏବଂ ପୁଅର ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ ଶିଶୁପୁତ୍ର ହେଲେ ବରଗଡ଼ ଜିଲା ତାଳଶ୍ରୀଗିଡ଼ା ଗ୍ରାମର କେଶବ ସୁନାଙ୍କ ପୁଅ ଆୟୁଷକାନ୍ତ(୫)। ସେହିପରି କେଶବଙ୍କ ସ୍ତ୍ରୀ ନମିତା ଗୁରୁତର ଅବସ୍ଥାରେ ଭୀମସାର୍, ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ତେବେ ମା' ପୁଅ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା ଏହାପଛରେ ଅନ୍ୟ କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ରେଳ ଧାରଣା ଉପରେ ମା'ପୁଅ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନଙ୍କୁ କୌଣସି ଏକ ଟ୍ରେନ ଧକ୍କା ଦେଇଥିବା ଅନୁମାନ କରାଯାଉଛି । ଏହାପରେ ସେଠାରୁ ତାଙ୍କୁ ଉଦ୍ଧାର କରି ବୁର୍ଲା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆୟୁଷକାନ୍ତଙ୍କ ମୃତ୍ୟୁ ହୋଇଥିଲା। ସେହିପରି ନମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

### ଜାତୀୟ ଫୁଟ୍‌ବଲ ଦଳରେ ଅନୀତା

**ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାର ଅନୀତା କୁମ୍ଭାର ଭାରତୀୟ ଜାତୀୟ ଜୁନିୟର ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି । ବରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏହି ୧୫ ବର୍ଷୀୟ ପ୍ରତିଭାବାନ ବାଳିକା ଖେଳାଳି ଅନୀତା ।



ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଦଳୀପାଲି ଗ୍ରାମର ସଞ୍ଜୁ କୁମ୍ଭାର ଓ ସ୍ୱର୍ଗତ କେଶବ କୁମ୍ଭାରଙ୍କ ଝିଅ। ଗାଁ ଖେଳ ପଡ଼ିଆରେ କୋଚ୍ ସମ୍ପୂର୍ଣ୍ଣ ଭୋଇଙ୍କ ଅଧୀନରେ ଫୁଟବଲ କୋଚିଂ ନେବା ସହିତ ସେ ୬ମାସ ତଳେ ଓଡ଼ିଶା ରାଜ୍ୟ ଫୁଟବଲ ଆସୋସିଏଶନ ପ୍ରତିଭା ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲରେ ରହି ଫୁଟବଲ ଖେଳ ପ୍ରଶିକ୍ଷଣ ନେଇ ଆସୁଥିଲେ। ଅନୀତା ଜାତୀୟ ଫୁଟବଲ ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବା ଯୋଗୁ ତାଙ୍କୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

### ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ

**ଖଡ଼ିଆଳ,୨୨।୯(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତର ମହୁଲକୋଟ ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଯୁବକଙ୍କ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ହେଲେ ସୁବାଷ ଚନ୍ଦ୍ର ଶବର (୨୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନୂଆଁଖାଇ ବାସୀ ଗୁରୁବାର ଗ୍ରାମର ଦୁଃଶାସନ ଶବରଙ୍କ ପୁଅ ସୁବାଷ କୌଣସି ଖାଦ୍ୟ ଖାଇ ରାତ୍ରିରେ ବାନ୍ତି କରିଥିଲେ। ତାଙ୍କୁ ଶୁକ୍ରବାର ଖଡ଼ିଆଳ ମିଶନ ହସ୍ପିଟାଲରେ ଚିକିତ୍ସା କରାଯାଉ ଥିବାବେଳେ ସକାଳ ୯ଟାରେ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ମୃତକଙ୍କ ବଡଭାଇ ଲକ୍ଷ୍ମୀଧର ଶବର ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାରେସ୍ଥଳରେ ପହଞ୍ଚି ଦୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ଭାନୁମତି ବେହେରା ପ୍ରକାଶ କରିଛନ୍ତି।

### ବାଇକ୍‌ରୁ ପଡ଼ି ଜଣେ ମୃତ

**ନୂଆପଡ଼ା,୨୨।୯(ମକାରୁ ବେମାଲ):** କୋମନା ବ୍ଲକ ଅନ୍ତର୍ଗତ ୩୫୩ ଜାତୀୟ ରାଜପଥ ପେଣ୍ଡରାବନ ବ୍ରିଜ ଉପରେ ଦୁର୍ଘଟଣାରେ ଜଣକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଖଡ଼ିଆଳ ବ୍ଲକ ରଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗାଁର ହିରମନି ଶବର। ଶୁକ୍ରବାର ବାଇକ ଯୋଗେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ନୂଆପଡ଼ା ଅଭିମୁଖେ ଯାଉଥିବା ବେଳେ ପେଣ୍ଡରାବନ ବ୍ରିଜ ଉପରେ ଖାଲଖାମାରେ ହଠାତ୍ ବାଇକ ଚକ ଖାଲରେ ପଡ଼ି ଯିବା ଯୋଗୁ ପଛପଟେ ବସି ଥିବା ସ୍ତ୍ରୀ ଛିଟିକି ପଡ଼ି ଯାଇଥିଲେ।





ବରଗଡ଼ ଜିଲା ସୋହେଲାରେ ଦୁର୍ଗାପୂଜା ଉପଲକ୍ଷେ ମୂର୍ତ୍ତି ନିର୍ମାଣ ପାଇଁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ମାଟି ଆଣିବାକୁ ଯାଉଛନ୍ତି।

# ଦୁର୍ଗାପୂଜା ପାଇଁ ହେଲା ମାଟି ଅନୁକୂଳ

**ସୋହେଲା,୨୨।୯(ଅଶ୍ୱିନୀ ପାତ୍ର)**

ସୋହେଲାରେ ଆସନ୍ତା ଦୁର୍ଗାପୂଜା ପାଇଁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଶୁକ୍ରବାର ବିଧିବିଧାନ ସହ ମାଟି ଅଣାଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ଲମ୍ବରୁପାଲି ରାସ୍ତାରେ ଥିବା ଦେବୀ ଗିରିସାଗରେନ୍ ପୀଠକୁ ଯାଇଥିଲା। ସେଠାରେ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ ସହ କର୍ତ୍ତା ଶଶୀକାନ୍ତ ପାଣିଗ୍ରାହୀ ଏବଂ ଦିନେଶ ଠାକୁରଙ୍କୁ ମାଟି ଉତ୍ତୋଳନ କରି ଦିଆଯାଇଥିଲା। ସେହି ମାଟିକୁ ଶୋଭାଯାତ୍ରାରେ ଆଣି ଦୁର୍ଗା ମଣ୍ଡପରେ ରଖାଗଲା। ଏହି ଶୋଭାଯାତ୍ରା ମୁସଲିମ ପଡା ଦେଇ ଫେରିଲା ସମୟରେ ମୁସଲିମ ସମ୍ପ୍ରଦାୟର ଯୁବକ ଏବଂ ମହିଳାମାନେ ସମସ୍ତଙ୍କୁ ଥଣ୍ଡା ପାନୀୟ ଦେଇ ଆପ୍ୟାୟିତ କରିଥିଲେ। ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଦେବତା, କାର୍ଯ୍ୟକାରୀ ସଭାପତି ବିଧାୟକ ସୁଶାନ୍ତ ସିଂ, ଉପସଭାପତି ପୂର୍ବତନ ବିଧାୟକ ମହମ୍ମଦ ରଫିକ, ସମ୍ପାଦକ ଦିଲୀପ ଖମାରୀ, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ଗଣତନ୍ତ୍ର ପଧାନ, ରାମାକାନ୍ତ ସାହୁ, ସତ୍ୟନାରାୟଣ ଦେବତା, ହିରୋ ମାଝୀ ଏବଂ ଶହ ଶହ ମହିଳା ପୁରୁଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଗ୍ରାମପଞ୍ଚାୟତ ଇଓଙ୍କ ବିରୋଧରେ ସରପଞ୍ଚ ସଂଘର ଫେରାଦ

**ପଦ୍ମପୁର,୨୨।୯(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡାସମ୍ବର ବ୍ଲକର ଜଣେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ(ଇଓ)ଙ୍କ ବିରୋଧରେ ଶୁକ୍ରବାର ରାଜବୋଡାସମ୍ବର ସରପଞ୍ଚ ସଂଘ ବିଡ଼ିଓ ଓ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଉକ୍ତ ନିର୍ବାହୀ ଅଧିକାରୀ ଜଣଙ୍କ ଦୀର୍ଘଦିନ ହେଲା ଦହିଗାଁ ଗ୍ରାମପଞ୍ଚାୟତରୁ ବଦଳି ହୋଇଥିଲେ ମଧ ସେ ତାଙ୍କ ଦାୟିତ୍ୱ ତଥା ଅନ୍ୟାନ୍ୟ ନଥିପତ୍ର ନୂତନ ନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରୁନାହାନ୍ତି। ଏ ସମ୍ପର୍କରେ ବିଡ଼ିଓ ବିଶ୍ୱନାଥ ସାହୁ ଉକ୍ତ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗତ ୧୩ ତାରିଖରେ କାରଣ ଦର୍ଶାଅ ନୋଟିସ (ଚିଠି ନଂ.୧୬୭୮/୨୩) ଦେଇଥିଲେ ମଧ ସେ ଅଦ୍ୟାବଧି କୌଣସି ଉତ୍ତର ଦେଇନାହାନ୍ତି । ତେଣୁ ପଦ୍ମପୁର ବିଡିଓ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ସଂଘ ଦାବି କରିଥିଲା। ବିଡ଼ିଓ ଆସନ୍ତା ସୋମବାର ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ଡାକି ସମସ୍ୟାର ସମାଧାନ ପ୍ରତିଶୃତି ଦେଇଥିଲେ। ଅନୁରୂପ ଭାବେ କନସିଂହା ସରପଞ୍ଚ ଟଙ୍କଧର ସ୍ୱାଇଁ ମଧ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏହା ପୂର୍ବରୁ ସରପଞ୍ଚ ସଂଘର ଏକ ପ୍ରତିନିଧି ଦଳ ଜିପିଇଓ ମୁଣ୍ଟୁ ମୁଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ସରପଞ୍ଚ ସଂଘ ସଭାପତି ଆନନ୍ଦ ବେହେରା, ସମ୍ପାଦକ ଭାସ୍କର ଭୁଏ, ଚଞ୍ଚଳା ଦାଶ, ନିରୋଦ ସାହୁ, ପ୍ରତ୍ୟୁଷ ରଞ୍ଜନ ଭୋଇ, ଚୈତନ୍ୟ ଲୁହାର, ଦିନେଶ ସେଠ, ପଙ୍କଜିନୀ ବେହେରା, ନିରୋଦ ସାହୁ ପ୍ରମୁଖ ସରପଞ୍ଚ ଉପସ୍ଥିତ ଥିଲେ।



ସରପଞ୍ଚ ସଂଘ ପ୍ରତିନିଧି ପଦ୍ମପୁର ବିଡ଼ିଓଙ୍କ ସହିତ ଆଲୋଚନା କରୁଛନ୍ତି।

# ଫୁଟ୍‌ବଲ : ତୋରା, ବଡ଼ମାଲ ବିଜୟୀ

**ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚ୍‌ରେ ତୋରା ଓ ବଡ଼ମାଲ ଦଳ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଘେଁସ ଏବଂ ତୋରା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ତୋରା ଦଳ ୩–୨ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ଦିପେଶ ପ୍ରଧାନ ପରିଚାଳନା କରିଥିଲେ। ଝସକେତନ ପ୍ରଧାନ, ବଷ୍ଟି ପ୍ରଧାନ ଲାଇନରେ ସହଯୋଗ କରିଥିବାବେଳେ ଗୋପାଳ ନାୟକ ଚତୁର୍ଥ ରେଫରି ଥିଲେ। ସେହିପରି ବଡ଼ମାଲ ଏବଂ ବହଲପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବଡ଼ମାଲ ୨–୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରିତିକ ଭୁଏ ଏବଂ ଦୟାସାଗର ଭୁଏ ଗୋଲ ସ୍କୋର କରିଥିଲେ। ସନ୍ତୋଷ ପଟେଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ସଚିନ ଭୁଏ, ବଷ୍ଟି ବାଗ ଲାଇନରେ ସହଯୋଗ କରିଥିଲେ। ଅନିଲ ବାଗ ଚତୁର୍ଥ ରେଫରି ଏବଂ ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱ ସମ୍ପାଦନ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଝାରବନ୍ଧ,୨୨।୯ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ କାର୍ଯ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କାଣ୍ଡୁଲନାଙ୍କ ନେତୃତ୍ୱ ଏବଂ ଏବିଡ଼ିଓ ଭୀଷ୍ମଦେବ ମାଝୀଙ୍କ ତତ୍ତ୍ୱାବଧାନରେ ନିରୋଜ ବାଗ ଶିବିର ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ୧୩୬ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬୪ଜଣ ଶାରୀରିକ ବାଧିତ, ୧୦ଜଣ ମାନସିକ ଅନଗ୍ରସର, ୨୯ଜଣ ମୂକ ବଧିର, ୧୪ଜଣ ଦୃଷ୍ଟିବାଧିତ, ୪ଜଣ ଭେଷଜ ରହିଥିଲେ। ଏହାସହ ୧୦ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ପାଇଁ ମାପ ନିଆଯାଇଥିବା ବେଳେ ୪ ଜଣଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଛି ।

# ସିଏନ୍‌ଆଇ ଚର୍ଚ୍ଚରେ ସାମୂହିକ ନବାନ୍ନ ଭକ୍ଷଣ

**ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭଉଣୀ, ଭାଇଙ୍କ ଦ୍ୱାରା ସାମୂହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମାଧ୍ୟକ୍ଷ ରାଇଟ୍ ରେଭରେନ୍ ପିନୁଏଲ ଦୀପ ବାକ୍ୟ ମାଧ୍ୟମରେ ପଶ୍ଚିମ ଓଡ଼ିଶାରେ ଭକ୍ତଗଣ ଉତ୍ସବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ସିଏନ୍‌ଆଇ ଚର୍ଚ୍ଚର ସମ୍ପାଦକ ଚନ୍ଦ୍ରଶେଖର ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମାଧକ୍ଷଙ୍କ ଆଶୀର୍ବାଦ ପ୍ରାର୍ଥନା ପରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



ସିଏନ୍‌ଆଇ ଚର୍ଚ୍ଚରେ ସାମୁହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ।

# ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

**ନୂଆପଡ଼ା,୨୨।୯(ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ଦେଇ କଳାହାଣ୍ଡିକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସର ଗୋଡାଳ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସିନାପାଲି ଥାନା ଅନ୍ତର୍ଗତ ବଡ଼ଦର୍ଲିପଡ଼ା ଗ୍ରାମର କେଶରୀ ହାତୀ (୪୦) ଓ ଟିକେନ୍ଦ୍ର ବୈଠାରୁ (୩୨)। ସେହିପରି ବିଭୁତେନ୍ଦୁ ବିଭରାଜ ଦାସ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର କୌଣସି କାମରେ କେଶରୀ ଓ ଟିକେନ୍ଦ୍ର ଏକ ବାଇକ୍ ଯୋଗେ ଯାଉଥିଲେ। ଗୋଡାଳ ଛକ ନିକଟରେ ସାମ୍ନା ପଟୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ସିନାପାଲି କୋର୍ଟରେ କାର୍ଯ୍ୟରତ କର୍ମଚାରୀ ବିଭୁତେନ୍ଦୁଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ କେଶରୀ ଓ ଟିକେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ବିଭୁତେନ୍ଦୁ ଗୁରୁତର ଆହତ ହୋଇଥିଲେ।

# ସଂସାଧନ ସଭ୍ୟଙ୍କୁ ପ୍ରଶିକ୍ଷଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଅମ୍ବାଭୋନା,୨୨।୯(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ପ୍ରଶାସନ ଏବଂ କଳା ସଂସ୍କୃତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ସଂଶାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କଳାକାର ପରମେଶ୍ୱର ଭୁଏ, ରବିଶଙ୍କର ବେହେରା, ବାସୁଦେବ ପଶାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅମ୍ବାଭୋନା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୬୪ କଳାକାର ଗ୍ରୁପ୍ ମୁଖ୍ୟ ସାମିଲ ହୋଇଥିଲେ। ଲୋକକଳା ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ହେଉଥିବା ସୂଚନା ଦିଆଯାଇଥିଲା।

# କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମ

**କେସିଙ୍ଗା,୨୨।୯(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମ ଡଃ. ଦୀପ୍ତିମାନ ବେହେରା (ମେଡ଼ିସିନ ସ୍ପେସାଲିଷ୍ଟ)ଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳରେ ନୂଆଁଖାଇ ଉତ୍ସବର ତୃତୀୟ ଦିବସରେ ଧୁମଧାମରେ ପାଳିତ ହେଉଥିବା ସତ୍ତ୍ୱେ ମଧ କେସିଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ରୋଗୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମାଗଣାରେ ସମସ୍ତ ପ୍ରକାର ଚିକିତ୍ସା ଓ ଔଷଧ ପାଇପାରିଥିଲେ। ଗର୍ଭବତୀ, ପ୍ରସୂତୀ ଓ ଶିଶୁ ମାନଙ୍କୁ ମଧ ଚିକିତ୍ସା କରାଯାଇଥିଲା।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ନୂଆପଡ଼ା,୨୨।୯(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁରେ ଲଗାଣ ବର୍ଷା ଯୋଗୁ ତିନି ଭାଇଙ୍କ ଘର ଭାଙ୍ଗି ଯିବାରୁ ଗୃହ ହିନ ହୋଇ ପଡିଛନ୍ତି। ଲଘୁଚାପ ଜନିତ ଲଗାଣ ହେବାରୁ ବେଲଗାଁର କାର୍ତ୍ତିକ ରାଉତ, ଇଶ୍ୱବର ରାଉତ ଓ ପୀତାମ୍ବର ରାଉତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୩ ଭାଇଙ୍କ ୧୫ରୁ ଊର୍ଦ୍ଧ୍ୱ ସଦସ୍ୟ ଗାଁର ପଡୋଶୀ ଘରେ ଆଶ୍ରୟ ନେଉଛନ୍ତି। ବର୍ତ୍ତମାନ ବର୍ଷା ଜାରି ରହିଛି। କେତେ ଦିନ ଅନ୍ୟ ଘରେ ସାହାରା ନେଇ ରହିବୁ। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ସେହିପରି ତରବୋଡ ଗାଁର ପିଲୁ ବାରିକଙ୍କ ଘର ବର୍ଷାରେ ଭାଙ୍ଗିଯାଇଛି। ଭାଙ୍ଗି ଯାଇଥିବା ଘର ଆକଳନ ସହାୟତା ରାଶି ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।



ଭାଙ୍ଗି ଯାଇଥିବା ଘର ଆଗରେ ହିତାଧିକାରୀ।

# ଫୁଟ୍‌ବଲ : ସିଆଲଖଣ୍ଡହଥା ଚାମ୍ପିୟନ

**ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ବରମକେଲା ଗ୍ରାମରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲ ସାମାଜିକ ଦାୟିତ୍ୱବୋଧ ବିଭାଗର ଅରୁଣା ମାରାଣ୍ଡି ଫୁଟବଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭେଡ଼େନ ଅଗ୍ନିଶମ, ସିଆଲଖଣ୍ଡହଥା, କେଉଁଟେନପାଲି, ଲାଉନସରା, ବରମକେଲା ଏବଂ ଟିପିଡବ୍ଲ୍ୟୁଓଡିଏଲ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ ଏବଂ ସିଆଲଖଣ୍ଡହଥା ଦଳ ଚାମ୍ପିୟନ ହୋଇଥିଲା। ଟିପିଡବ୍ଲ୍ୟୁଓଡିଏଲ୍‌ର ଜୋନାଲ ମୁଖ୍ୟ ଆଶିଷ କୁମାର ପାଢୀଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ, ଅନୁପମ ଶିଳାଭଦ୍ର ଦାସ, ବିକ୍ରମ ସିଂ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେହିପରି ଉକ୍ତ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜୋନାଲ ମୁଖ୍ୟ ଇଂ. ଆଶିଷ କୁମାର ପାଢୀଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲର ଅନ୍ୟ ଅଧିକାରୀ, ସରପଞ୍ଚ ଏବଂ ଗ୍ରାମବାସୀ ଯୋଗଦାନ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳି ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜୀବନ, ଧସୁଛି ଘର



**କୁତ୍ରା, ୨୨।୯ (ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ୪ଦିନ ହେଲାଣି ଲଗାଣ ବର୍ଷା ଜାରି ରହିଛି। ଫଳରେ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଦିନସାରା ତୁହାକୁ ତୁହା ବର୍ଷା ଲାଗିରହିଛି। ମାଟି ଘର ସବୁ ଭାଙ୍ଗି ଲୋକେ ବେଘର ହେଉଛନ୍ତି। ଏଭଳି ଅବସ୍ଥା ଦେଖିବାକୁ ମିଳୁଛି କୁତ୍ରା ବ୍ଲକ ଅଞ୍ଚଳରେ। ଏହି ବ୍ଲକର ପଞ୍ଚରା ବାଦଲିପଡାର ଝାଡୁ ଇନ୍ଦୁଆର ଓ ଟିଙ୍କୁ ଟପ୍ପୋଙ୍କ ଘର ଭାଙ୍ଗିଥିବାବେଳେ ସିଆଲଜୋର ଗ୍ରାମର ଜଣଙ୍କ ଘର ଭାଙ୍ଗି ବେଘର ହୋଇଛନ୍ତି। ଏପଟେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଘର ଭାଙ୍ଗି ଯାଇଥିବା ଯୋଗୁ ଏମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଅନ୍ୟର ସାହାରା ନେବାକୁ ପଡୁଛି। ଖାଇବା, ଶୋଇବାଠାରୁ ରହିବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଘର ଯୋଗାଇବା ସହିତ ସୁବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

### ବାଇକ୍ ଡିକି ଭାଙ୍ଗି ଚୋରି

**ଲହୁଣୀପଡ଼ା, ୨୨।୯ (ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡପୁରୁଣାପଣି ପଞ୍ଚାୟତ ସମରଦରୀ ଗ୍ରାମର ଲିଙ୍ଗରାଜ ମହାକୁଳ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଲହୁଣୀପଡ଼ା ଷ୍ଟେଟ ବ୍ୟାଙ୍କରୁ ୯୦ହଜାର ଟଙ୍କା ଉଠାଇ ନିଜର ବାଇକ୍ ଡିକିରେ ରଖିଥିଲେ। ନିକଟସ୍ଥ ସ୍କୁଲକୁ ପିଲାଙ୍କୁ ଆଣିବା ପାଇଁ ଭିତରକୁ ପଶିଥିବାବେଳେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଡିକିରୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ଯୁବତୀଙ୍କୁ ଅସଦାଚରଣ ବେଳେ ଆଟକ କରିବାରୁ ଆକ୍ରମଣ

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ଛେଣ୍ଡ ହାଟରେ ୨ଜଣ ଅସାମାଜିକ ଯୁବକ ଜଣେ ଯୁବତୀଙ୍କୁ ଶୁକ୍ରବାର ଦୁର୍ବ୍ୟବହାର କରୁଥିଲେ। ଏହି ସମୟରେ ସେଠାକୁ ପରିବା କିଣିବାକୁ ଯାଇଥିବା ରାଉରକେଲା ବୋଥ୍ରା ଷ୍ଟୋର କର୍ମଚାରୀ ଅଶ୍ୱିନୀ ଦାସ(୫୦) ବିରୋଧ କରିବାରୁ ଉକ୍ତ ଯୁବକ ଦ୍ୱୟ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଜଣଙ୍କ ଛେଣ୍ଡ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆହତ ଦାସଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

### ବ୍ରଜରାଜନଗରରେ ବଢୁଛି ନିଶା କାରବାର

#### ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି

**ବ୍ରଜରାଜନଗର, ୨୨।୯ (ବିଜୟ ବରାଡ):** ବ୍ରଜରାଜନଗର ସହରାଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି। ଏଭଳି ଘଟଣା ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଛି। ପୋଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଏଭଳି ଘଟଣା ବୃଦ୍ଧିପାଉଥିବା ସେମାନେ ଅଭିଯୋଗ କରୁଛନ୍ତି। ଯୁବପିଢ଼ି ବିଶେଷ କରି ୨୦ବର୍ଷରୁ କମ ବୟସର ପିଲାମାନେ ନିଶା କବଳରେ ପଡି ଭୁଲ ରାସ୍ତାରେ ଯିବାକୁ ପଛାଉନାହାନ୍ତି। ସୂଚନାଯୋଗ୍ୟ, ବ୍ରଜରାଜନଗର ସହରାଞ୍ଚଳରେ ବହୁ ସଂଖ୍ୟାରେ ମଦଭାଟି, କବାଡିଆ ଦୋକାନ ରହିଛି। ଏହିସବୁ ଦୋକାନ ମାଲିକମାନେ ସହରର ଗରିବ ଶ୍ରେଣୀର ପିଲାମାନଙ୍କୁ ନିଶା ଦେଇ ଚୋରି ଭଳି ଅସାମାଜିକ କାର୍ଯ୍ୟ କରାଉଥିବା ଅଭିଯୋଗ ହେଉଛି। ବିଶେଷ କରି ଓରିଏଣ୍ଟ ପେପର ମିଲର ପରିତ୍ୟକ୍ତ କ୍ୱାର୍ଟର୍ସ, ଡ୍ରାମା ପେଣ୍ଡାଲ, ସୁଇମିଙ୍ଗ ପୁଲ ଏରିଆରେ ଖୋଲାଖୋଲି ଭାବେ ନିଶା କରିବା ଭଳି କାର୍ଯ୍ୟ ଚାଲୁଛି। ସହରକୁ ନିଶାମୁକ୍ତ କରିବାକୁ ହେଲେ ପୋଲିସ ରାତ୍ର ପାଟ୍ରୋଲିଂ ବଢାଇବା ସହିତ କବାଡିଆ ଦୋକାନ ଓ ରାସ୍ତା କଡରେ ଚାଲିଥିବା ମଦ ବିକ୍ରି ବନ୍ଦ କରିବାକୁ ସହରବାସୀ ଦାବି କରିଛନ୍ତି। ଏମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ପ୍ରକାଶ କରିଛନ୍ତି।

# ରାଉରକେଲା କଲେଜ ଜମି ହସ୍ତାନ୍ତର ନେଇ ଦାବିପତ୍ର

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ)**



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା କଲେଜ ହେଉଛି ଇସ୍ପାତ ସହରର ଏକ ସର୍ବପୁରାତନ କଲେଜ। ଏହି କଲେଜ ନାଁରେ ଜମି ନ ଥିବାରୁ ବିଭିନ୍ନ ସମୟରେ ସରକାରୀ ଅନୁଦାନ ଆସିବାରେ ପ୍ରତିବନ୍ଧକ ସାଜୁଛି। ତେଣୁ କଲେଜକୁ ଜମି ହସ୍ତାନ୍ତର କରିବା ପାଇଁ ଦାବି ଜୋର ଧରିଛି। ଏହି କ୍ରମରେ ଶୁକ୍ରବାର ସମାଜସେବୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ସେଲ୍ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି, ୧୯୬୬ରେ ସ୍ଥାପିତ ରାଉରକେଲା କଲେଜ ଇଭିନିଂ ବା ସାନ୍ଧ୍ୟକାଳୀନ କଲେଜ ଭାବେ ପରିଚିତ। ୨୦୧୪-୧୫ ଆର୍ଥିକ ବର୍ଷରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସେକ୍ଟର-୭ ସ୍ଥିତ ଏନ୍‌ଏସି କଲେକକୁ ରାଉରକେଲା କଲେଜ ସହିତ ମିଶ୍ରଣ କରାଗଲା। ଏହା ପରଠାରୁ ସେକ୍ଟର-୪ କଲେଜରେ ଉଭୟ ଯୁକ୍ତ୨ ଓ ୩ କଳା ଏବଂ ବାଣିଜ୍ୟ ସ୍ନାତକୋତ୍ତର ଡିଗ୍ରୀ ପାଠ୍ୟକ୍ରମ ଚାଲିଆସୁଥିବା ବେଳେ ସେକ୍ଟର-୭ରେ ବିଜ୍ଞାନ ପାଠପଢା ଚାଲିଛି। ଉଭୟ କଲେଜର କୋଠାବାଡି ଆର୍‌ଏସ୍‌ପି ଅଧୀନରେ ଥିବାବେଳେ କଲେଜର ନିଜସ୍ୱ ଜମି ନ ଥିବା ଯୋଗୁ ଗ୍ରାଣ୍ଟ ଇନ୍ ଏଡ୍ ଓ ୟୁଜିସି ମାଧ୍ୟମରେ କୌଣସି ଅନୁଦାନ ମିଳିପାରୁନାହିଁ। ସେହିପରି କଲେଜ ସମ୍ପ୍ରସାରଣରେ ଆର୍‌ଏସ୍‌ପିର ହସ୍ତକ୍ଷେପ କଲେଜ ଉନ୍ନତିରେ ବାଧକ ସାଜୁଛି। ଏଣୁ ତୁରନ୍ତ କଲେଜକୁ ଜମି ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମାଜସେବୀ ସେଠୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସୀମାଞ୍ଚଳ ଖଣ୍ଡୁଆଳ, ବିଶ୍ୱ ରଞ୍ଜନ ରାଉତ, ଜିତେନ ମାଛଖଣ୍ଡ ଓ ଆଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ଶ୍ରମିକମାନଙ୍କୁ ବୋନସ ଦାବି

**ରାଉରକେଲା, ୨୨।୯ (ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନା, ଟାଉନଶିପ୍ ଓ ଷ୍ଟକ ୟାର୍ଡରେ କାମ କରୁଥିବା ପ୍ରାୟ ୧୨ ହଜାର ଠିକା ଶ୍ରମିକଙ୍କୁ ବୋନସ ଦେବାକୁ ଦାବି ହୋଇଛି। ଅନ୍ୟ ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଦରମାଠାରୁ ଏମାନଙ୍କ ବହୁତ କମ୍। ଦୀର୍ଘ ବର୍ଷ ଧରି ଏନ୍‌ଜେସିଏସ୍ ଚୁକ୍ତିନାମା ସ୍ୱାକ୍ଷର ନ ହେବାରୁ ଠିକା ଶ୍ରମିକଙ୍କ ସର୍ବନିମ୍ନ ଦରମା ଯାହା ଥିଲା ସେହିପରି ରହିଛି। କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଏଠାରେ ଲାଗୁ କରାଯାଇନାହିଁ। ଠିକାଦାରମାନେ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଲାଇସେନ୍ସ ନେଉଥିବା ବେଳେ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ଦରମା ଦିଅନ୍ତି ନାହିଁ। ଠିକା ଶ୍ରମିକ ଏଠାରେ ମାସିକ ଦରମା ପ୍ରାୟ ୧୨,୫୦୦ ଟଙ୍କା ପାଉଥିଲା ବେଳେ ଦୁର୍ଗାପୁର ଇସ୍ପାତ କାରଖାନାର ଠିକା ଶ୍ରମିକ ମାନେ ପ୍ରାୟ ୨୦ ହଜାର ଟଙ୍କା ମାସିକ ଦରମା ପାଉଛନ୍ତି। ସ୍ଥାୟୀ ଶ୍ରମିକଙ୍କ ସର୍ବନିମ୍ନ ଦରମା ଠିକା ଶ୍ରମିକଙ୍କୁ ପ୍ରଦାନ କରିବା ପାଇଁ ସିଆଇଟିୟୁ ବାରମ୍ବାର ଦାବି କରି ଆସୁଛି। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ସେଲ୍ ଅଧୀନରେ କାମ କରୁଥିବା ସ୍ଥାୟୀ ଓ ଠିକା ଶ୍ରମିକମାନଙ୍କୁ ବୋନସ ପ୍ରଦାନ କରିବାକୁ ସିଆଇଟିୟୁ ଦାବି କରିଛି। ଠିକା ଶ୍ରମିକମାନଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ ଦାବିରେ ଆସନ୍ତା ୨୫ ତାରିଖ ସକାଳ ସାଢେ ୭ରୁ ୯ଟା ପର୍ଯ୍ୟନ୍ତ ବିଶ୍ରା ଛକ ପାୱାର ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ଶୁକ୍ରବାର ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ସିଆଇଟିୟୁ କର୍ମକର୍ତ୍ତା କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ (ସିଆଇଟିୟୁ)ର ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୟୁନିୟନର ସାଧାରଣ ସମ୍ପାଦକ ବିମାନ ମାଇତି, ବି. ପି. ମହାପାତ୍ର, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା, ବିନୟ ବେଉରିଆ, ବସନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନକୁ ଆଗାମୀ ଦିନରେ ସୁଦୃଢ଼ କରିବା ପାଇଁ ସେପ୍ଟେମ୍ବର ୨୮ ଓ ୨୯ ଦୁଇ ଦିନ ଧରି ଏସ୍‌ଡବ୍ଲ୍ୟୁଏଫ୍‌ଆଇ ଡାକରାରେ ଭିଲାଇଠାରେ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି, ଉପ ସଭାପତି ବସନ୍ତ ନାୟକଙ୍କ ସମେତ ୩ ଜଣ ଠିକା ଶ୍ରମିକଙ୍କ ନେତୃତ୍ୱ ଓ ୫ଜଣ ସ୍ଥାୟୀ ଶ୍ରମିକଙ୍କ ନେତୃତ୍ୱ ଏଥିରେ ସାମିଲ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଥମୁନି ହାତୀପଲର ଉପଦ୍ରବ

- କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ
- ହାତୀପଲ ଭାଙ୍ଗିଲେ ୪ ଘର

**କୁତ୍ରା, ୨୨।୯ (ଦେବାଶିଷ ସାହୁ)**



ହାତୀପଲ କୁତ୍ରା ଅଞ୍ଚଳରେ ଘର ଭାଙ୍ଗିଛନ୍ତି।

ସୁନ୍ଦରଗଡ଼ ଜିଲା ବଡଗାଁ ବନାଞ୍ଚଳ କୁତ୍ରା ବ୍ଲକ ଅଞ୍ଚଳରେ ଥମୁନି ହାତୀପଲର ଉପଦ୍ରବ। ଏହି ବ୍ଲକ ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖାଯିବା ସହିତ ୪ ଘର ଭାଙ୍ଗିଛନ୍ତି। ଗୁରୁବାର ରାତିରେ ୨୨ ଟିକିଆ ହାତୀପଲ ଆସି ପ୍ରଥମେ ନୂଆଗାଁର ନିଆରଜନ ବୁଡ ଓ ମିଳନ ଲୁଗୁନଙ୍କ ଘର ଭାଙ୍ଗିଥିବା ବେଳେ ପରବର୍ତ୍ତୀ ସମୟରେ ହାତୀପଲ ଯାଇ କଟଙ୍ଗଝରିଆ ଗ୍ରାମର ସୁନିଲ ଡୁଙ୍ଗଡୁଙ୍ଗ ଓ ଭିମ ସିଂଙ୍କ ଘର ଭାଙ୍ଗି ଦଳିମକଚି ନଷ୍ଟ କରିଦେଇଛନ୍ତି। ଘରେ ଥିବା ଧାନ ଚାଉଳ ଖାଇ ସେଠାରୁ ପଳାଇ ଯାଇଛନ୍ତି। ତେବେ ହାତୀ ଆତଙ୍କ ଯୋଗୁ ଲୋକେ ବର୍ତ୍ତମାନ ଭୟଭୀତ ଥିବା ଜଣାପଡିଛି। କାରଣ ଏହି ହାତୀପଲ ୨ ଭାଗରେ ବିଭକ୍ତ ହୋଇଯାଇଛନ୍ତି। ଗୋଟିଏରେ ୧୯ଟି ଥିବାବେଳେ ଆଉ ଗୋଟିଏରେ ୩ଟି ହାତୀ ଥିବା ଜଣାପଡିଛି। ଏହା ସହିତ ଗୋଟେ ପଟ ହାତୀ ଆତଙ୍କ ଅନ୍ୟ ପଟେ ଲଗାଣ ବର୍ଷା ଲାଗିରହିଛି। ହାତୀ ଘର ଦ୍ୱାର ଭାଙ୍ଗୁଥିବା ବେଳେ ତୁହାକୁ ତୁହା ବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ରହି ପାରୁଛନ୍ତି ନା ବାହାରେ ରହି ପାରୁଛନ୍ତି। ହାତୀ ଆତଙ୍କ ଖେଳାଉଥିବା ଅଞ୍ଚଳଗୁଡିକରେ ଲୋକେ ଏଭଳି ସ୍ଥିତିରେ ରହିଛନ୍ତି। ତେବେ ଏହାକୁ ନେଇ ବନବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିଛି। ଲୋକେ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଏଦିଗରେ ବନବିଭାଗ ଦୃଷ୍ଟିଦେଇ ହାତୀପଲଙ୍କୁ ଅନ୍ୟତ୍ର ଘଉଡାଇବା ପାଇଁ ଦାବି ହେଉଛି।

# ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା

### ସହକାରୀ ଜିଲାପାଳଙ୍କ ମୃତ୍ୟୁ ପ୍ରସଙ୍ଗ

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସରେ କାର୍ଯ୍ୟରତ ସହକାରୀ ଜିଲାପାଳ ସସ୍ମିତା ମିଞ୍ଜଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ୩ଦିନ ପରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପ୍ଲାଣ୍ଟସାଇଡ ପୋଲିସକୁ ହସ୍ତଗତ ହୋଇଛି। ସସ୍ମିତା ଆତ୍ମହତ୍ୟା କରିଛନ୍ତି ଏବଂ ତାଙ୍କୁ ହତ୍ୟା ସମ୍ପର୍କିତ କୌଣସି ନମୂନା ମିଳି ନ ଥିବା ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଥିବା ପ୍ଲାଣ୍ଟସାଇଡ୍ ଥାନାଧିକାରୀ ଜ୍ୟୋତି ରଞ୍ଜନ ପତି କହିଛନ୍ତି। ଅନ୍ୟପକ୍ଷେ ସସ୍ମିତାଙ୍କ ପରିବାର ଲୋକେ ଏହାକୁ ହତ୍ୟା ବୋଲି କହିବା ସହ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

# ରାଜଭାଷା ପକ୍ଷରେ ଏକକ ଅଭିନୟ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ଏକକ ଅଭିନୟ ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ)**

ରାଜଭାଷା ପକ୍ଷ ପାଳନ ଅବସରରେ ଶୁକ୍ରବାର ଆୟୋଜିତ ଏକକ ଅଭିନୟ ପ୍ରତିଯୋଗିତାରେ ଆର୍‌ଏସ୍‌ପି ପରିଚାଳିତ ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। ଉତ୍ସବରେ ଲୋକସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଡାକ୍ତର ସୁଶ୍ରୀତା ଦାସ, ରାଜଭାଷା ବିଭାଗ ଏଜିଏମ୍ ସୁଶ୍ରୀ ଲୋଲାଟି ଟପ୍ପୋ, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଷ୍ଟାଫ ଉପସ୍ଥିତ ଥିଲେ। ଏହି ଅବସରରେ ନିଜ ବକ୍ତବ୍ୟରେ ଶତପଥୀ ଛାତ୍ରୀଛାତ୍ରମାନଙ୍କୁ ସାମଗ୍ରିକ ବିକାଶ ପାଇଁ ଉଭୟ ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକଳାପ ସହିତ ସେମାନଙ୍କ ସାମର୍ଥ୍ୟକୁ ଅନୁସନ୍ଧାନ ଓ ଉପଯୋଗ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ୬ଷ୍ଠ, ୭ମ ଏବଂ ୮ମ ଶ୍ରେଣୀର ୧୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଅଭିନୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିର୍ମଳା ଏକ୍କା ଏବଂ ବନ୍ଦିତା ଦଲାଇ ବିଚାରକ ଥିଲେ। ପ୍ରାରମ୍ଭରେ ଡାକ୍ତର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସୀମା ଭିକ୍ଟର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ମୋହିତ ପଣ୍ଡା ଉଦ୍‌ଘୋଷକ ଥିଲେ।

# ପ୍ରାଚୀନ, ଆଧୁନିକ ସାହିତ୍ୟ ଦର୍ଶନର ସାଧକ ଥିଲେ ରାଧାନାଥ

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ)**




ସାହିତ୍ୟ ଆସର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ଆଦର୍ଶ ପାଠାଗାର ସ୍ଥିତ ସାହିତ୍ୟ ଘରେ ଶୁକ୍ରବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟୁନିସିପାଲ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପିକା ନୀତୁ ସେଠ ମୁଖ୍ୟ ଆଲୋଚିକା ଭାବେ ଯୋଗଦେଇ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ଦର୍ଶନର ସିଦ୍ଧସାଧକ କବିବର ରାଧାନାଥ ରାୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାର ଉପସଭାପତି ବସନ୍ତ ଦାସଙ୍କ ଅଧ୍ୟକ୍ଷତା ଓ ଅର୍ଚ୍ଚନା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ଆସରରେ ପାଠାଗାରର ଡ. ସନାତନ ପ୍ରଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୁସ୍ଥ ସମାଜ ପାଇଁ ଆଧ୍ୟାତ୍ମିକ ବିଶେଷତ୍ୱ ଆଧାରିତ ଗଳ୍ପ ଅନ୍ୱେଷଣ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ସୁପ୍ତୀ କର ଓ ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ଅଜୟ କୁମାର ମହାନ୍ତି, ତ୍ରିନାଥ ସିଂ, ଉପେନ୍ଦ୍ର ବସ୍ତିଆ, ପ୍ରତାପ କୁମାର ପଣ୍ଡା, ସାଗର ମହାନ୍ତି, ସୁରେନ୍ଦ୍ର ପାଢୀ, ଆଶୁତୋଷ ଜ୍ୟୋତିଷୀ, ପ୍ରଣତି ବେହେରା, ରଶ୍ମୀ ସାହୁ ସ୍ୱରଚିତ କବିତା ପଠନ କରିଥିଲେ। ଉପଦେଷ୍ଟା ଅଭୟ ଦାସ, ସଭାପତି ଚନ୍ଦ୍ରଶେଖର ଶତପଥି, ସମ୍ପାଦକ ବିଜୟ ପାତ୍ର, ପଞ୍ଚାନନ ପାତ୍ର, ଟୁକୁଲା ପାଢୀ, ଆର୍ତ୍ତତ୍ରାଣ ମହାପାତ୍ର, ସଞ୍ଜୀବ ଭୋଇ, ଦେବ ମହାପାତ୍ର, ଅନିଲ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ପୋଖରୀ ଉଦ୍‌ଘାଟନ

**ରାଜଗାଙ୍ଗପୁର, ୨୨।୯ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ୯୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ମଣ୍ଡପରେ ପୂଜା ପାଉଛନ୍ତି। ସମସ୍ତ ମୂର୍ତ୍ତି ଆସନ୍ତା ମଙ୍ଗଳବାର ଶୋଭାଯାତ୍ରାରେ ବାହାରି ବିସର୍ଜନ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏହି ମୂର୍ତ୍ତିଗୁଡିକର ବିସର୍ଜନ ପାଇଁ ପୌରପାଳିକା ଦ୍ୱାରା ସହର ଲିପଲୋଇ ନଦୀ ନିକଟରେ ୨୦ ଲକ୍ଷ ଟଙ୍କା ବିନିଯୋଗରେ ଏକ କୃତ୍ରିମ ପୋଖରୀ ନିର୍ମାଣ କରାଯାଇଛି। ଏହି ପୋଖରୀର ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ତନସନା ପ୍ରମୁଖ ଉପସ୍ଥିତ ରହି ପୂଜା କରି ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କାଉନସିଲର ତଥା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।



କୃତ୍ରିମ ପୋଖରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

# ମୌଳିକ ସୁବିଧା ଅପହଞ୍ଚ, ଆନ୍ଦୋଳନ ପାଇଁ ସଜବାଜ

**ରାଉରକେଲା, ୨୨।୯ (ବିପ୍ଳବ ରଞ୍ଜନ ଦାଶ)**



ଧାମରା ବସ୍ତିର ବିପର୍ଯ୍ୟସ୍ତ ରାସ୍ତା।

ରାଉରକେଲା ମହାନଗର ନିଗମ ଅଧୀନ ୧୪ ନମ୍ବର ୱାର୍ଡ ଧାମରା ବସ୍ତି ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇପଡିଛି। ବାରମ୍ବାର ଦାବି କରିବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଏ ନେଇ ପଦକ୍ଷେପ ନେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ବସ୍ତିବାସୀ ସଜବରଜ ହେଉଥିବା ଜଣାପଡିଛି।

ସୂଚନା ଅନୁସାରେ, ଧାମରା ବସ୍ତିର ଜନସଂଖ୍ୟା ୯୩୩। ତେବେ ବସ୍ତିର ତଳିଆ ଅଞ୍ଚଳକୁ ଏପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ହୋଇପାରି ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାସ୍ତାଘାଟ ବର୍ଷ ବର୍ଷ ହେଲା ଖାଲଖମା ହୋଇ ପଡିଛି। ବସ୍ତି ଲୋକଙ୍କ ଘରୁ ନିଷ୍କାସିତ ପାଣି ରାସ୍ତାରେ ଭାସୁଛି। ବର୍ତ୍ତମାନ ବର୍ଷାପାଣି ସିଧାସଳଖ ଲୋକଙ୍କ ଘରକୁ ପ୍ରବେଶ କରୁଛି। ବସ୍ତିରେ ଲାଗିଥିବା ୬ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ଯାଇଛି। ଖେଳପଡିଆ ଅଳିଆ ଆବର୍ଜନାର ପେଣ୍ଠସ୍ଥଳ ପାଲଟିଥିବା ବେଳେ ବସ୍ତିରେ ବାହ୍ୟ ଲୋକଙ୍କ ଜବରଦଖଲ ବଢିବାରେ ଲାଗିଛି। ୬ ମାସ ତଳେ ପରିତ୍ୟକ୍ତ ଖେଳ ପଡିଆରେ ଏକ ପାର୍କ ନିର୍ମାଣ ନେଇ ବସ୍ତିବାସିନ୍ଦା ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଥିଲେ। ମାତ୍ର ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଧାମରା ବସ୍ତି କ୍ୱାର୍ଟର୍ସରୁ ବାହାରୁଥିବା କୁଢ କୁଢ ଅଳିଆ ବସ୍ତି ତଳପଟ ପଡିଆରେ ଗଦା କରାଯାଉଛି। ଫଳରେ ବସ୍ତିରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ମଶାମାଛିଙ୍କ ବଂଶବୃଦ୍ଧି ହେଉଛି। ଏପରିକି ଆର୍‌ଏମ୍‌ସି ପକ୍ଷରୁ ମଶା ନିପାତ ଧୂଆଁଯନ୍ତ୍ର ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ବସ୍ତିକୁ ଯାଇପାରୁନି। ଏସବୁ ସମସ୍ୟାର ସମାଧାନ ହୋଇପାରି ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ବସ୍ତିବାସୀ ସଜବାଜ ହେଉଥିବା ଅରୁଣ ମହନ୍ତ, ଶାନ୍ତି କୁସୁମା, ତାପସୀ ନାୟକ, ରିତ ବାହାଲି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ବସ୍ତିରେ ରାସ୍ତା କାମ ଚାଲିଥିଲା, ଆଗକୁ ମଧ ହେବ। ଅନ୍ୟାନ୍ୟ ସମସ୍ୟା ନେଇ ଆର୍‌ଏମ୍‌ସିର ବିଭାଗୀୟ ଅଧିକାରୀ ବସ୍ତି ତଳି ଅଞ୍ଚଳ ପରିଦର୍ଶନ କରିସାରିଛନ୍ତି। ଯାହା କିଛି ସମସ୍ୟା ରହିଛି ତୁରନ୍ତ ସମାଧାନ କରାଯିବ ବୋଲି ଭୋଇ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୩ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଦେଓଗାଁ, ୨୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ରାଏପାଲି ଛକ ନିକଟରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସମ୍ପୃକ୍ତ ଯୁବକଙ୍କୁ ଗତରାତିରେ କୌଣସି ଗାଡି ଧକ୍କାଦେଇଥିବା ଜଣାପଡିଛି। ଶୁକ୍ରବାର ସକାଳେ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବ୍ୟବଚ୍ଛେଦ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହ ୭୨ଘଣ୍ଟା ପାଇଁ ଫ୍ରିଜରରେ ରଖାଯିବ ବୋଲି ତଦନ୍ତକାରୀ ଅଧିକାରୀ ମନୋଜ କୁମାର ମୁଣ୍ଡା କହିଛନ୍ତି। ୩ଦିନ ହେଲା ମୃତ ଯୁବକ ଜଣକ ଦେଓଗାଁ ଅଞ୍ଚଳରେ ବୁଲୁଥିଲେ। ଜଣେ ସ୍ୱେଚ୍ଛାସେବୀ ତାଙ୍କ ବାଳ ଦାଢ଼ି କାଟି କିଛି କପଡା ମଧ୍ୟ ପିନ୍ଧିବାକୁ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

### ବାଇକ୍ ସହ ୨୨ କେଜି ଗଞ୍ଜେଇ ଜବତ

**କନ୍ଧମାଳ/ଘଣ୍ଟାପଡା, ୨୨।୯**
**(ଆଦିତେଶ୍ୱର ମିଶ୍ର/ପ୍ରଭାତ କୁମାର ସାହୁ)**

କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨୨ କେଜି ଗଞ୍ଜେଇ ସହ ଏକ ବାଇକ୍ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ କନ୍ଧମାଳ ଥାନା ଅନ୍ତର୍ଗତ ଲମ୍ବସରୀ ଗ୍ରାମ ଛକଠାରେ ଜଗି ରହିଥିଲେ। ବିଭାଗୀୟ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ବାଇକ୍‌କୁ ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବାଇକ୍‌ରେ ଥିବା ବସ୍ତାକୁ ଯାଞ୍ଚ କରାଯିବାରୁ ସେଥିରୁ ୨୨ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ ଏହି ଗଞ୍ଜେଇ ଓ ବାଇକ୍ ଜବତ କରାଯିବା ସହ ଏକ ମାମଲା ରୁଜୁ ହୋଇଛି । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କୁଚିଣ୍ଡାରେ ଭାଜପାର ରକ୍ତଦାନ ଶିବିର

**କୁଚିଣ୍ଡା, ୨୨।୯(ବିରଞ୍ଚି ଦର୍ଶୀ)**

ପ୍ରଧାନମନ୍ତ୍ରୀଙ୍କ ୭୩ତମ ଜନ୍ମଦିନ ପାଳନ ଅବସରରେ କୁଚିଣ୍ଡା ଭାଜପା ପକ୍ଷରୁ ଶୁକ୍ରବାର ସାମ୍ବାଦିକ ଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର, ମହେଶ ରାୟ, ଚିତ୍ତରଞ୍ଜନ ଭୋଇ, ପ୍ରାଣବନ୍ଧୁ ନାଥ, ବିବେକ ରାୟ, ଶୁଶିଳ ନାଏକ, ପ୍ରିତମ ପାଣିଗ୍ରାହୀ, ଶ୍ରୀକାନ୍ତ ଦ୍ୱିବେଦୀ, ଅରୁଣ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ୫୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ରକ୍ତଭଣ୍ଡାର ଟେକ୍ନିସିଆନ ପ୍ରମୋଦ ପଟେଲ ଏହାର ପରିଚାଳନା କରିଥିଲେ।

### ଶିକ୍ଷା ମଣିଷକୁ ବିଚାରବନ୍ତ କରିଥାଏ

**କୁଚିଣ୍ଡା, ୨୨।୯(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଶୁକ୍ରବାର କୁଚିଣ୍ଡା କଲେଜରେ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର କୁଚିଣ୍ଡା ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ବିଭୁତିଭୂଷଣ ନାୟକ ମୁଖ୍ୟଅତିଥି, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ମୁଖ୍ୟବକ୍ତା, କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, ଆଲୁମ୍‌ନି ସଭାପତି ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚିବାର ଶୈଳୀ ପ୍ରଦାନ କରିବା ସହ ବିଚାରବନ୍ତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ଗତ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୪୯ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ସ୍ୱାଗତ ଭାଷଣ ଦେଇଥିଲେ।



ବିଧାୟକ ନରସିଂହ ମିଶ୍ର ଶିକ୍ଷକଙ୍କ ଆନ୍ଦୋଳନସ୍ଥଳରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଦାବି ଯୁକ୍ତିଯୁକ୍ତ, ବିଧାନସଭାରେ ଉଠାଯିବ

**ବଲାଙ୍ଗୀର, ୨୨।୯(ବୀରେନ୍ଦ୍ର କୁମାର ଝାଙ୍କର)**

**ଶିକ୍ଷକଙ୍କ ଗଣଧାରଣାରେ ସାମିଲ ହେଲେ ନରସିଂହ ମିଶ୍ର**

ପ୍ରାଥମିକ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ। ରାଜ୍ୟ ସରକାର ଗୋଟିଏ ପଟେ କହୁଛନ୍ତି ପ୍ରତ୍ୟେକ କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରିବେ, କିନ୍ତୁ ନିଜ କଥାକୁ ନିଜେ ପୁଣି ଫେରାଇ ନେଇ ଶିକ୍ଷକ କ୍ଷେତ୍ରରେ ଠିକା ନିଯୁକ୍ତି ଚାଲୁ ରଖିଛନ୍ତି। କେବଳ ଏତିକି ନୁହେଁ ତାଙ୍କ ଗ୍ରେଡ ପେ ରେ ବୃଦ୍ଧି ଏବଂ ପୁରୁଣା ପେନସନ ନୀତି ଚାଲୁ ରଖିବା ଦାବିରେ ସାରା ରାଜ୍ୟରେ ଲକ୍ଷାଧିକ ଶିକ୍ଷକ ଗତ ୮ ତାରିଖରୁ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଦାବି ଗୁଡିକୁ ସରକାର ଯଦି ପୂରଣ ନ କରିବେ ତେବେ ବିଧାନସଭାରେ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ବିଧାନସଭା ହୁଲସ୍ଥୁଲ କରାଯିବ ବୋଲି ବଲାଙ୍ଗୀର ବିଇଓ ଅଫିସ ସମ୍ମୁଖରେ ଚାଲିଥିବା ଶିକ୍ଷକଙ୍କ ଗଣଧାରଣାରେ ଯୋଗଦେଇ ବଲାଙ୍ଗୀର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଶିକ୍ଷା ହିଁ ସମାଜର ଅର୍ଥନୀତିକୁ ସୁଦୃଢ଼ କରିଥାଏ। କିନ୍ତୁ ଦେଖାଦେଉଛି ଏହି ସରକାର ଦୀର୍ଘ ସମୟ ଧରି ଶାସନରେ ଥିଲେ ହେଁ ଶିକ୍ଷକମାନଙ୍କର ସ୍ଥିତି ଦୋହଲିବାରେ ଲାଗିଛି। ଭିତ୍ତିଭୂମି ସାଙ୍ଗକୁ ଏପରି ଅନେକ ସ୍କୁଲ ଅଛି ଯେଉଁଠାରେ ଶିକ୍ଷକ ନାହାନ୍ତି। ଶିକ୍ଷକ ଥିଲେ ଅନ୍ୟାନ୍ୟ କର୍ମଚାରୀ ନାହାନ୍ତି। ପ୍ରାୟତଃ ରାଜ୍ୟର ସରକାରୀ ସ୍କୁଲ ଏବେ ବନ୍ଦ ପଡିରହିଛି। ଏହା ସରକାରଙ୍କର ଏକ ସୁଚିନ୍ତିତ ଷଡଯନ୍ତ୍ର। ଏହାକୁ ନେଇ ଶିକ୍ଷକ ସମାଜ ସଚେତନ ରୁହନ୍ତୁ। ବିଧାନସଭାରେ ନିଶ୍ଚିତ ଲଢେଇ ହେବ, ଆପଣମାନେ ବାହାରେ ଆନ୍ଦୋଳନକୁ ଜାରି ରଖନ୍ତୁ ବୋଲି ବିଧାୟକ ମିଶ୍ର କହିଛନ୍ତି। ଗୋଟିଏ ଶିକ୍ଷାନୀତିରେ ୫ ପ୍ରକାର ଶିକ୍ଷକ, ୫ ପ୍ରକାର ଦରମାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏହି ଆନ୍ଦୋଳନରେ ଅଭିଭାବକ ତଥା ସାଧାରଣ ଜନତାଙ୍କୁ ସାମିଲ କରନ୍ତୁ, ଦେଖିବେ ଆପଣଙ୍କ ନ୍ୟାଯ୍ୟ ଦାବିକୁ ନିଶ୍ଚିତ ଭାବରେ ମାନିବ ବୋଲି ସେ କହିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାବିକୁ ସେ ଓ କଂଗ୍ରେସ ଦଳ ସମର୍ଥନ କରେ ବୋଲି କହିଛନ୍ତି।

# ଶିଶୁଯତ୍ନ ଅନୁଷ୍ଠାନରେ ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟଘାଟରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଦେଓଗାଁ, ୨୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ପରିସରରେ ଶୁକ୍ରବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସଙ୍ଗୀତ ଗୁରୁ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅନୁଷ୍ଠାନ ସଭାପତି ପଞ୍ଚାନନ ସାମଲ, ସମ୍ମାନୀତ ଅତିଥିଭାବେ ଗ୍ରାମ ମଙ୍ଗଳ ପାଠାଗାରର କିଶୋର ସାହୁ, ଗୋପାଳ ସାମଲ, ହୃଦୟାନନ୍ଦ ଷଡଙ୍ଗୀ ଓ ମୋହନ ସାମଲ ପ୍ରମୁଖ ଯୋଗଦେଇ ନୂଆଁଖାଇ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ନୂଆଁଖାଇ ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧି ରଖିବାର ପର୍ବ ବୋଲି କହିଥିଲେ ।ଏ ଅବସରରେ ଅନୁଷ୍ଠାନର ଅନ୍ତେବାସୀ ତଥା ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସାନନ୍ଦ ଷଡଙ୍ଗୀ, ଗତିକୃଷ୍ଣ ସାହୁ, ଠାକୁର ଭୋଇ, ରାମନାଥ ସାଏ, ପ୍ରତ୍ୟୁଷ ସାହୁ, ନିବେଦିତା ସାମଲ, ରମାକାନ୍ତ ସାହୁ ତଥା କର୍ମକର୍ତ୍ତା ସହଯୋଗ କରିଥିଲେ ।

### ନୂଆଁଖାଇ ଭେଟ୍‌ଘାଟରେ ନୃତ୍ୟଗୀତ ପ୍ରତିଯୋଗିତା

**ଲୋଇସିଂହା, ୨୧।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଜଳେଶ୍ୱର ସାନଟିକା ଆଜାଦ ୟୁଥକ୍ଲବ ତରଫରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ନଅଗାଁ(ଖ) ଗ୍ରାମ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ସେଠ, ରଜନୀକାନ୍ତ ପଟ୍ଟନାୟକ, ସନ୍ତୋଷ ସାହୁ, କହ୍ନେଇଲାଲ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ଏବଂ ସପ୍ତମ ଶ୍ରେଣୀର ଟପ୍ପର ଶୁଭଲକ୍ଷ୍ମୀ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଥିଲେ ସୌକିଲାଲ ସାହୁ, ପ୍ରଦୀପ ପ୍ରଧାନ, ସମାରୁ ବିଶ୍ୱାଳ, ଅରୁଣ ନାଏକ, ଶ୍ରୀବସ୍ତ ପ୍ରଧାନ ଓ ମହାଦେବ ପ୍ରଧାନ। ଯୁବ ଲେଖକ କ୍ଷେତ୍ରବାସୀ ନାଏକ ଓ ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ ସାହୁ, ବାଳକ ପ୍ରଧାନ, ବାବୁଲୁ ପ୍ରଧାନ, ବରୁଣ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିଡିଏସ୍ ଚାଉଳ କିଣି ନେଉଛନ୍ତି ବେପାରୀ

**ଲୋଇସିଂହା, ୨୨।୯(ସୁଶାନ୍ତ ବାରିକ)**

- ଗାଁ ଲୋକେ କହିଲେ ଆମେ କିଣି ପାରିବୁ
- ବେପାରୀଙ୍କୁ ବିରୋଧ, ଥାନା ଦ୍ୱାରସ୍ଥ ହେବୁ କହିଲେ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲ ଗ୍ରାମକୁ ବାହାର ଅଞ୍ଚଳର ଜଣେ ବେପାରୀ ଆସି ଘରଘର ବୁଲି ପିଡିଏସ୍ ଚାଉଳ କିଣି ନେଉଛନ୍ତି। ଯେଉଁମାନଙ୍କ ନିଜ ଖର୍ଚ୍ଚ ବାଦ ଚାଉଳ ବଳକା ରହୁଛି ସେମାନେ ବେପାରୀଙ୍କୁ ଚାଉଳ ବିକି ଦେଉଛନ୍ତି। ଅପରପକ୍ଷରେ ବସ୍ତିରେ ବହୁ ଗରିବ ଶ୍ରେଣୀ ଲୋକ ବାସ କରୁଛନ୍ତି। ପଞ୍ଚାୟତରୁ ମିଳୁଥିବା ପିଡିଏସ ଚାଉଳ ସେମାନଙ୍କ ଆବଶ୍ୟକତା ପୂରଣ କରି ପାରୁନି। ଏପରିସ୍ଥଳେ ସେମାନେ ବେପାରୀଙ୍କୁ ଦିଆଯାଉଥିବା ଦରରେ ଚାଉଳ କିଣିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କୁ ମିଳୁନାହିଁ। ଏହାକୁ ନେଇ ପଡ଼ାବାସୀ ଓ ସମ୍ପୃକ୍ତ ବେପାରୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। କିଛି ଦିନ ତଳେ ବସ୍ତିର ଆଲୋକ ନାଗ, ଧର୍ମେନ୍ଦ୍ର ନାଗ, ଜୟସ୍ୱର ବାଗ, ଶ୍ରବଣ ବାରିକ, ଗଦି ନାଗ, ସତ୍ୟନାରାୟଣ ବାଦି, ଦଧି ନାଗ, ଚକ୍ରଧର ନନ୍ଦ, କଷ୍ଟ ତନ୍ତୀ ପ୍ରମୁଖ ଚାଉଳ କ୍ରୟ ପାଇଁ ଆସିଥିବା ସମ୍ପୃକ୍ତ ବେପାରୀଙ୍କୁ ଗାଁକୁ ଆଉ ଚାଉଳ କ୍ରୟ କରିବାକୁ ନ ଆସିବାକୁ କହିଥିଲେ। ଏପରିକି ଚାଉଳ ବୋଝେଇ ଚାରିଚକିଆ ଯାନକୁ ଅଟକ ରଖିଥିଲେ। ହେଲେ ସେତେବେଳେ କେତେଜଣ ବ୍ୟକ୍ତି ସମ୍ପୂର୍ଣ୍ଣ ବେପାରୀଙ୍କୁ ସମର୍ଥନ ଜଣାଇଥିଲେ। ଏବେ ପୁଣିଥରେ ସେ ଆସି ଚାଉଳ କିଣି ନେଉଥିବାରୁ ହରିଜନ ବସ୍ତିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥିତିରେ ପରିବର୍ତ୍ତନ ନ ହେଲେ ସେମାନେ ଥାନା ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ, ଉତ୍ତେଜନା



ଦୁର୍ଘଟଣାସ୍ଥଳରେ ଉତ୍ତେଜିତ ଲୋକେ।

**ଖପ୍ରାଖୋଲ, ୨୨।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ସାନଉଡେନ ଗାଁ ନିକଟରେ ଶୁକ୍ରବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ଲରମ୍ଭା ଥାନା ଦମାଇପାଲି ଗାଁର ଶତ୍ରୁଘ୍ନ ବରିହା(୨୬)। ଶତ୍ରୁଘ୍ନ ତାଙ୍କ ସମ୍ପର୍କୀୟଙ୍କ ଘରୁ ନିଜ ଗାଁକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅପରପକ୍ଷରେ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ହୋହଲ୍ଲା କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିଥିଲା। ଡ୍ରାଇଭର ଛତିଶଗଡ ଅଞ୍ଚଳର ଗୋକର୍ଣ୍ଣ ବିଶକର୍ମା ଓ ସହ ହେଲପରଙ୍କୁ ଖପ୍ରାଖୋଲ ଥାନାରେ ଅଟକ ରଖାଯାଇଥିବା ପୋଲିସ ସୂଚନା ଦେଇଥିଲା। ସରକାରୀ ନିୟମ ଅନୁସାରେ ଯାହା ଯାହା ଯୋଗାଇ ହେବ ତାହା ନିଶ୍ଚିତ କରାଯିବ ବୋଲି କୁହାଯିବା ପରେ ଲୋକେ ଶାନ୍ତ ପଡିଥିଲେ। ମୃତଦେହକୁ ଖପ୍ରାଖୋଲ ଡାକ୍ତରଖାନାରେ ରଖାଯାଇଛି। ଜବତ ଟ୍ରକ ଛତିଶଗଡ ଅଞ୍ଚଳର ହୋଇଥିବା ବେଳେ ନମ୍ବର ସିଜି ୦୬ଜିଇ ୫୫୧୯ ଲେଖା ରହିଛି। ମୃତକଙ୍କ ସ୍ତ୍ରୀ ଓ ଦୁଇ ବର୍ଷର ଏକ ପୁଅ ଅଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୭୪/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ନୂଆଁଖାଇରେ ବିଭିନ୍ନ ପ୍ରତିଯୋଗିତା

**ଖପ୍ରାଖୋଲ, ୨୨।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁରେ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଁର ବାଳିକା, ବାଳକ ଓ ମା'ଙ୍କୁ ନେଇ ହାଣ୍ଡିପିଟା, ମ୍ୟୁଜିକ ଚେୟାର, ଖେଳକୁଦ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶହଶହ ଲୋକେ ସାମିଲ ହୋଇ ବେଶ ଆନନ୍ଦ ନେଇଥିଲେ। ଗଣେଷ ପୂଜା କମିଟିର ନବ ବାଗ, ସଦାନନ୍ଦ ବାଗ, ସୁଶାନ୍ତ ବରିହା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିବା କମିଟି ସଦସ୍ୟ ନବ ବାଗ ପ୍ରକାଶ କରିଛନ୍ତି।

### ଭାରତୀୟ କଳା, ସଂସ୍କୃତିର ପ୍ରସାର ଜରୁରୀ

**ଟିଟିଲାଗଡ, ୨୨ ।୯(ଶରତ ମିଶ୍ର )**

**ସାଇକେଲରେ ଭାରତ ଭ୍ରମଣ କରୁଛନ୍ତି ପଦ୍ମଶ୍ରୀ ଡ କିରନ ସେଠ**

ଭାରତୀୟ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ୧୯୭୭ ମସିହାରେ ସ୍ପିକମେକେ ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ ପଦ୍ମଶ୍ରୀ ଡ କିରନ ସେଠ। ୭୪ବର୍ଷରେ ପଦାର୍ପଣ କରିଥିବା କରନଙ୍କ ବୟସ ଯେତେ ବଢୁଛି ସମାଜ ପାଇଁ କର୍ତ୍ତବ୍ୟ ସେତିକି ବଢୁଛି। ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସାଇକେଲରେ ଭାରତ ଭ୍ରମଣ କରିବା ପାଇଁ ବାହାରିଛନ୍ତି। ତିନୋଟି ପର୍ଯ୍ୟାୟରେ ଏହି ପରିଭ୍ରମଣ କରିବା ସହ ଲୋକଙ୍କୁ ନିଜ ଦେଶର କଳା ସଂସ୍କୃତି ବିଷୟରେ ଅବଗତ ତଥା ସଚେତନ କରିବା ପାଇଁ ଏହି ପ୍ରୟାସ କରୁଛନ୍ତି।

ସେଠ ତୃତୀୟ ପର୍ଯ୍ୟାୟରେ ବମ୍ବେ, ପୁନା ହୋଇ ତାଙ୍କର ଯାତ୍ରା ଆରମ୍ଭ କରିଛନ୍ତି। ଝାରସୁଗୁଡ଼ା ଦେଇ ଓଡ଼ିଶା ଅତିକ୍ରମ କରୁଥିବା ଜାଣି ସ୍ପିକମେକେର ସଦସ୍ୟା ଡ ସୁନନ୍ଦା ଜତି ତାଙ୍କୁ ନିମନ୍ତ୍ରଣ କରିଥିଲେ। ଶୁକ୍ରବାର ସେ ଟିଟିଲାଗଡରେ ପହଞ୍ଚିବା ପରେ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସାଇକେଲ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ସାଇକେଲ ଚଳାଇଲେ ଶରୀର ସୁସ୍ଥ ରହିବ, ଏକାଗ୍ରତା ବଢ଼ିବ। ଭାରତୀୟ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଜରୁରୀ। ମହାତ୍ମା ଗାନ୍ଧୀଙ୍କୁ ଲୋକ ଭୁଲିବାକୁ ଲାଗିଲେଣି। ତାଙ୍କର ଅହିଂସା ନୀତି, ଶାନ୍ତିର ବାର୍ତ୍ତା ଦେବା ପାଇଁ ଏହି ପ୍ରୟାସ। ସେ ଆହୁରି ଉଦ୍‌ବେଗ ପ୍ରକାଶ କରି କହିଲେ ଯେ, ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ଏକାଗ୍ରତା ଆଉ ରହୁନି। ବର୍ଷରେ ଚାଳିଶ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କୁ ଠିକ ଦିଗରେ ନେବାକୁ ହେଲେ ନିଜର ଛୁଆ ପିଲାଙ୍କୁ ଭଲ ଏକାଗ୍ରତା ଓ ଧୈର୍ଯ୍ୟ କିପରି ରଖିବେ ସେ ଦିଗରେ କାମ କରିବାକୁ ପଡ଼ିବ। ଯୋଗ ପ୍ରାଣାୟାମ, ଶାସ୍ତ୍ରୀୟ ସଙ୍ଗୀତ ଦ୍ୱାରା ହିଁ ଏକାଗ୍ରତା ଆଣି ହେବ। ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ଶିକ୍ଷାଦାନ କଲେ ନିଶ୍ଚୟ ସୁଫଳ ମିଳି ପାରିବ ବୋଲି ସେଠ କହିଥିଲେ। ଖବରଦାତା ସମ୍ମିଳନୀ ପରିଚାଳନାରେ ପ୍ରଭାବତୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡ ସୁନନ୍ଦା ଜତି, ଶିକ୍ଷୟିତ୍ରୀ ଧରିତ୍ରୀ ମହାନ୍ତ, ସ୍କୁଲର ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ଗାନ୍ଧୀ ଷ୍ଟାଡିୟମ ସଂଲଗ୍ନ ସରକାରୀ ଜମି ଚିହ୍ନଟ

**ବଲାଙ୍ଗୀର, ୨୨।୯(ବୀରେନ୍ଦ୍ର କୁମାର ଝାଙ୍କର)**



ତହସିଲଦାରଙ୍କ ଉପସ୍ଥିତିରେ ଜମି ମାପଚୁପ କରାଯାଉଛି।

- ଷ୍ଟଲରେ ଲାଲଛକି ଚିହ୍ନ ମାରିଲା ରାଜସ୍ୱ ପ୍ରଶାସନ
- ତହସିଲଦାରଙ୍କ ଉପସ୍ଥିତିରେ ହେଲା ଜମି ଚିହ୍ନଟ

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ସଂଲଗ୍ନ ପ୍ରାୟ ଅଧ ଏକର ସରକାରୀ ଜମିକୁ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ଶୁକ୍ରବାର ମାପଚୁପ କରିଛି। ବଲାଙ୍ଗୀର ତହସିଲ ଖାତା ନମ୍ବର ୨୭୭, ପ୍ଲଟ ନମ୍ବର ୯୦୮ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରାୟ ଅଧଏକର ସରକାରୀ ଜମି ରହିଛି। ଏହି ଜମି ଚିହ୍ନଟ କରିବାକୁ ତହସିଲ ଅଫିସ ପକ୍ଷରୁ ଚିହ୍ନଟ ଅଭିଯାନ କରାଯାଇଛି। ଜମି ଚିହ୍ନଟ ବେଳେ ଉକ୍ତ ସରକାରୀ ଜମିରେ କେତେକ ବ୍ୟବସାୟିକ ଷ୍ଟଲ ରହିଛି। ସରକାରୀ ଜମି ଚିହ୍ନଟ ହେବାପରେ ତହସିଲ କର୍ମଚାରୀମାନେ ଉକ୍ତ ଷ୍ଟଲଗୁଡିକ ଉପରେ ଲାଲଛକି ଚିହ୍ନ ମାରିଛନ୍ତି। ଏ ନେଇ ତହସିଲଦାର ପଣ୍ଡାଙ୍କୁ ପଚାରିବାରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମି ଜବରଦଖଲ ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଉକ୍ତ ଜମିର ସ୍ଥିତାବସ୍ଥା ସମ୍ପର୍କରେ ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସରକାରୀ ଜମି ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଉକ୍ତ ଜମିର ମାଲିକାନା ସମ୍ପର୍କିତ କାଗଜପତ୍ରକୁ ପ୍ରତ୍ୟୁଷ ଦାସ ତହସିଲଦାର ପଣ୍ଡାଙ୍କୁ ଦେଖାଇ ଏହା ସରକାରୀ ଜମି ନୁହେଁ, କାଗଜପତ୍ର ଓ ପଟ୍ଟା ତାଙ୍କ ପାଖରେ ରହିଛି ବୋଲି ଦାସ କହିଥିଲେ। ତେବେ ଉକ୍ତ କାଗଜପତ୍ର ଦେଖି ତହସିଲଦାର ପଣ୍ଡା ଏହା ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ। ଏହାପରେ ଉକ୍ତ ଷ୍ଟଲଗୁଡିକରେ ଲାଲ ଛକି ଚିହ୍ନ ମରାଯାଇଥିଲା। ତହସିଲ କାର୍ଯ୍ୟାଳୟର ଏହି ଜମି ଚିହ୍ନଟ ଅଭିଯାନ ଚର୍ଚ୍ଚାର ବିଷୟ ସୋଇଛି।

**ସଂକ୍ଷେପରେ**

## କୁଚିଣ୍ଡାରେ ଭାଜପାର ରକ୍ତଦାନ ଶିବିର

କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶା)

ପ୍ରଧାନମନ୍ତ୍ରୀଙ୍କ ୭୩ତମ ଜନ୍ମଦିନ ପାଳନ ଅବସରରେ କୁଚିଣ୍ଡା ଭାଜପା ପକ୍ଷରୁ ଶୁକ୍ରବାର ସାମ୍ବାଦିକ ଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର, ମହେଶ ରାୟ, ଚିତ୍ତରଞ୍ଜନ ଭୋଇ, ପ୍ରାଣବନ୍ଧୁ ନାଥ, ବିବେକ ରାୟ, ଶୁଶିଳ ନାଏକ, ପ୍ରିତମ ପାଣିଗ୍ରାହୀ, ଶ୍ରୀକାନ୍ତ ଦ୍ୱିବେଦୀ, ଅରୁଣ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ୫୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ରକ୍ତଭଣ୍ଡାର ଟେକ୍ନିସିଆନ ପ୍ରମୋଦ ପଟେଲ ଏହାର ପରିଚାଳନା କରିଥିଲେ।

## ଏଫ୍‌ଏଲ୍‌ଏନ୍ ମଡେଲ ବିଦ୍ୟାଳୟ ଉଦ୍‌ଘାଟିତ

ରେଙ୍ଗାଲି,୨୨।୯(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଷ୍ଟେଶନ ବସ୍ତି ପ୍ରାଥମିକ ବିଦ୍ୟାଳୟରେ ଏଫ୍‌ଏଲ୍‌ଏନ୍ ମଡେଲ ବିଦ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଡିଇଓ ଡା. ମୁରଲୀଧର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଡାଏଟ କଲେଜ ଅଧ୍ୟକ୍ଷ ଡ. ରବିନାରାୟଣ ବଗାର, ରଜନୀକାନ୍ତ ଦାସ, ଆଜାଦ ଶେଖର ପଧାନ, ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୀବନ କିଶୋର ବରୱା, ଅତିରିକ୍ତ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ରେଙ୍ଗାଲି କ୍ଲଷ୍ଟର ସିଆର୍‌ସିସି ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହକି ଟୁର୍ନାମେଣ୍ଟ: ହାତୀଟାଙ୍ଗର ଚାମ୍ପିୟନ

କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ କାଲିଝରନଠାରେ ଚାଲିଥିବା ତ୍ରିଦିବସୀୟ ହକି ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାଲିଝରନ ହକି ଟିମ୍ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୧୭ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଲଇଡାଗୁଣାର ହାତୀଟାଙ୍ଗର ଓ ରାଜଗାଙ୍ଗପୁରର ମାଲିଡିହି ମଧ୍ୟରେ ହୋଇଥିଲା। ଏଥିରେ ହାତୀଟାଙ୍ଗର ଚାମ୍ପିୟନ ହୋଇଥିଲା। ଖେଳକୁ ପିଲୋମନ ଲୁଗୁନ, ସଞ୍ଜିତ ଟପୋ, ସାନକ୍ଷିତ କୁଜୁର, ଦିପକ ଏକ୍କା, ଶବିଣ ବାହାଲା, ପ୍ରିତମ ଖେସ ପ୍ରମୁଖ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାଲିଝରନ ହକି ଟିମ୍ ସଭାପତି ଏଡୱାର୍ଡ ଏକ୍କା, ସମ୍ପାଦକ ଆଦାମ କୁଜୁର, ସହସମ୍ପାଦକ ପାତ୍ରାସ କୁଜୁର ଓ କୋଷାଧ୍ୟକ୍ଷ ବିଜୟ କୁଜୁର ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।



ତାଲିମ ଗ୍ରହଣ କରୁଥିବା ମହିଳା ହସ୍ତତନ୍ତ ବୁଣାକାର।

# ବିମାନବନ୍ଦରରେ ହେବ ପ୍ରଦର୍ଶନୀ, ବିକ୍ରୟ ବ୍ୟବସ୍ଥା

ସମ୍ବଲପୁର,୨୨।୯(ଶୁଭାଶିଷ ପାଢ଼ୀ)

**ସମ୍ବଲପୁରର ମହିଳା ବୁଣାକାରଙ୍କ ବାନ୍ଧବସ୍ତ୍ର**

ମହିଳା ହସ୍ତତନ୍ତ ବୁଣାକାର ଓ ବାନ୍ଧବସ୍ତ୍ର ଶିଳ୍ପୀଙ୍କ ଆୟ ତଥା ଦକ୍ଷତା ବୃଦ୍ଧି ସକାଶେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସମ୍ବନ୍ଧ ମହିଳା ବୁଣାକାର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କମ୍ପାନୀ ଗଠନ କରାଯାଇଛି। ଏଥିପାଇଁ ମିଶନ ଶକ୍ତି ବିଭାଗ ପକ୍ଷରୁ ୧ କୋଟି ୧୮ ଲକ୍ଷ ଟଙ୍କାର ମଞ୍ଜୁର କରାଯାଇଛି। ଏହି କମ୍ପାନୀ ଧନକଉଡ଼ା ବ୍ଲକ୍‌ର କର୍ଡୋଲା ଓ ଚାରପାଲି, ମାନେଶ୍ୱର ବ୍ଲକ୍‌ର ହୁମା ଏବଂ ରେଢ଼ାଖୋଲ ବ୍ଲକ୍ କନ୍ଧରା ଗ୍ରାମର ୨ଶହ ମହିଳା ବୁଣାକାରଙ୍କୁ ସାମିଲ କରିଛି।

ଓଡ଼ିଶା ଜୀବିକା ମିଶନ ଓଏଲ୍‌ଏମ୍ ଜିଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଡ. ପୁଷ୍ପଶ୍ରୀ ନାୟକ ପ୍ରକଳ୍ପ ସମ୍ପର୍କରେ କହିଛନ୍ତି, ଏହି ବର୍ଗର ମହିଳାମାନଙ୍କ ଆୟ ବୃଦ୍ଧି ପ୍ରାଥମିକ ଲକ୍ଷ୍ୟ ରଖାଯାଇଛି। ଜିଲାରେ ବହୁ ସଂଖ୍ୟକ ଦକ୍ଷ ମହିଳା ବୁଣାକାର ଅଛନ୍ତି। ହେଲେ ଏହା ଆଶାନୁରୂପ ହେଉ ନ ଥିବାରୁ ମହିଳାମାନେ ପାରମ୍ପରିକ ହସ୍ତତନ୍ତ କଳାରୁ ଦୂରେଇ ଯାଉଛନ୍ତି। ଏହି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଦିଆଗଲେ ଅଭିଜ୍ଞତା ସହିତ ଉପାର୍ଜନ ବୃଦ୍ଧି କରିପାରିବେ। ଓଏଲ୍‌ଏମ୍ ପକ୍ଷରୁ ମଞ୍ଜୁର ପାଣ୍ଠିରେ ଜ୍ଞାନ ଓ ବୈଷୟିକ କୌଶଳ ବିନିମୟ, ଚଳନ୍ତି ପୁଞ୍ଜି, ପ୍ରୋତ୍ସାହନ, ମୂଲ୍ୟଯୁକ୍ତ ଉତ୍ପାଦନ, ବଜାର ଓ ଗୋଷ୍ଠୀଗତ କ୍ଷମତା ବୃଦ୍ଧି କରାଯିବ। ବାନ୍ଧବସ୍ତ୍ର ପାଇଁ ଜିଲାରେ ମହିଳାମାନଙ୍କ ପାଇଁ ସମସ୍ୟା ରହିଛି। ଏମାନଙ୍କୁ ସୂତା ଓ ରଙ୍ଗ ବାହାରୁ କିଣିବାକୁ ପଡ଼ିଥାଏ। ଏହା ବ୍ୟୟବହୁଳ ହୋଇଥିବାରୁ ଲାଭ ହ୍ରାସ ପାଇବା ସ୍ୱାଭାବିକ। ତେଣୁ ଏହି କଞ୍ଚାମାଲକୁ ମହିଳାମାନେ ଯେପରି ନିଜେ ଉତ୍ପାଦନ କରିପାରିବେ ସେଥିପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କର୍ଡୋଲାର ମହିଳାମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଉଛି। ଅନ୍ୟ ମହିଳାମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ। ଅର୍ଥନୈତିକ ସାକ୍ଷରତା, ହିସାବ ପରିଚାଳନା ପାଇଁ ମଧ୍ୟ ଏମାନଙ୍କୁ ତାଲିମ୍ ଦିଆଯିବ। କମ୍ପାନୀର ଉତ୍ପାଦିତ ସାମଗ୍ରୀ ବଜାର ବ୍ୟବସ୍ଥା ଉପରେ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ବିମାନ ବନ୍ଦରମାନଙ୍କରେ ଥିବା ଆଉଟ୍‌ଲେଟ୍‌ରେ କମ୍ପାନୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ପ୍ରଦର୍ଶନୀ ଓ ବିକ୍ରୟ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ସେମାନେ ଶ୍ରମ ଓ ଦକ୍ଷତାର ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି କୁହାଯାଇଛି।

# ଅନ୍ଧବିଶ୍ୱାସ: ଝଡ଼ାଫୁଙ୍କାରେ ମୃତକଙ୍କୁ ବଞ୍ଚାଇବା ପ୍ରୟାସ

ସମ୍ବଲପୁର/ରେଢ଼ାଖୋଲ, ୨୨।୯ (ଶୁଭାଶିଷ ପାଢ଼ୀ/ ଅଚ୍ୟୁତାନନ୍ଦ ପୁରୋହିତ)

ମଣିଷ ଚନ୍ଦ୍ରପୃଷ୍ଠକୁ ଯାଇ ଗବେଷଣା କରି ଫେରିଲାଣି। ତଥାପି ଅନ୍ଧବିଶ୍ୱାସର ଅନ୍ଧାରି ଗଳିରୁ ବାହାରିପାରି ନାହିଁ। ଚିକିତ୍ସା ବିଜ୍ଞାନ ଅପେକ୍ଷା ଝଡ଼ାଫୁଙ୍କା ଉପରେ ବିଶ୍ୱାସ ରଖୁଛି। ଏପରି ଏକ ଘଟଣା ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ତଥା ରେଢ଼ାଖୋଲ ଏନ୍‌ଏସି ୪ନଂ. ୱାର୍ଡ ନୂଆସାହିରେ ଦେଖିବାକୁ ମିଳିଛି। ଜଣେ ଯୁବକଙ୍କ ମୃତ୍ୟୁ ପରେ ବି ଝଡ଼ାଫୁଙ୍କା କରି ବଞ୍ଚାଇବା ଆଶାରେ ପରିବାର ଲୋକେ ଦୀର୍ଘ ୨୩ଘଣ୍ଟା କାଳ ମୃତଦେହ ଘରେ ପକାଇ ରଖିଲେ। ସୂଚନା ଅନୁସାରେ ନୂଆସାହିର ବାହାଦୁର କଅଁରଙ୍କର କିଛିଦିନ ପୂର୍ବରୁ ପଡ଼ୋଶୀ ପରିବାର ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପଡ଼ୋଶୀ ପରିବାର ମୁଖିଆ କୁଆଡେ ଗୁଣିଗାରେଡି କରି ସମସ୍ତଙ୍କୁ ମାରିଦେବେ ବୋଲି ବାହାଦୁରଙ୍କୁ ଧମକ ଦେଇଥିଲେ। ଏହାର ୧୫ ଦିନ ଭିତରେ ବାହାଦୁରଙ୍କ ବଡ଼ପୁଅ ବୀରେନ କଅଁର (୨୨)ଙ୍କ ଦେହ ଅସୁସ୍ଥ ହୋଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନକୁ ନେଇ ଡାକ୍ତର ଦେଖାଇଥିଲେ। ହେଲେ ବୀରେନଙ୍କ ଦେହ ଭଲ ହୋଇ ନ ଥିଲା। ଗୁରୁବାର ବୀରେନଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରେଢ଼ାଖୋଲ ମେଡିକାଲ ନେଇଥିଲେ। ସେଠାରେ ଅପରାହ୍ନ ପ୍ରାୟ ୨ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ପରିବାର ଲୋକେ ଏହାକୁ ଗ୍ରହଣ ନ କରି କେହି ଗୁଣି କରି ଏପରି କରିଛି, ପୁଅ ମରିନାହିଁ କହି ଘରେ ମୃତଦେହ ପକାଇ ରଖିଥିଲେ। ଏପରି କି ଗୁଣିଆ ଦ୍ୱାରା ଝଡ଼ାଫୁଙ୍କା କଲେ ପୁଅ ଜିଇ ଉଠିବ ବୋଲି ଆଶା ବାନ୍ଧି ପୂଜାର୍ଚ୍ଚନା କରିଥିଲେ। ପଡ଼ୋଶୀ ପରିବାର ସହ ପାଟିତୁଣ୍ଡ ହୋଇଥିବାରୁ ସେମାନେ ଗୁଣିକରି ଏଭଳି କାଣ୍ଡ ଘଟାଇଥିବା ନେଇ ବାହାଦୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ ଶୁକ୍ରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ଆଲୋଚନା ପରେ ପୁନର୍ବାର ମୃତଦେହ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ପୁଣିଥରେ ମୃତ ଘୋଷଣା କରିବା ପରେ ଅପରାହ୍ନ ୧ଟାରେ ମୃତଦେହ ସତ୍କାର କରାଯାଇଥିଲା ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପି.କେ. ମେହେର ସୂଚନା ଦେଇଛନ୍ତି।

# ପୁରୁଣା ପେନ୍‌ସନ ଲାଗୁ ମୁଖ୍ୟ ଉଦ୍ଦେଶ୍ୟ



ଜିଲାସ୍କୁଲ ଛକଠାରେ ଶିକ୍ଷାରଥକୁ ସ୍ୱାଗତ କରାଯାଉଛି।

ସମ୍ବଲପୁର,୨୨।୯(ବି.ଶଙ୍କର)

**ସମ୍ବଲପୁରରେ ଶିକ୍ଷାରଥକୁ ସ୍ୱାଗତ**

ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘର ଭାରତ ଯାତ୍ରା ଶିକ୍ଷା ରଥ ଗୁରୁବାର ସନ୍ଧ୍ୟାରେ ସମ୍ବଲପୁର ପହଞ୍ଚିଛି। ଏହାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ସମ୍ବଲପୁର ଜିଲାସ୍କୁଲ ଛକଠାରେ ସ୍ୱାଗତ କରିଥିଲେ। ପରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର (ପାଠାଗାର)ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାମ ଅବତାର ପାଣ୍ଡେ ମୁଖ୍ୟଅତିଥି ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଅନିତା ମେହେର ଓ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ, ସଂଘ ଜିଲା ସଭାପତି ଜ୍ୟୋତ୍ସ୍ନାମୟୀ ଦାଶ, ସମ୍ପାଦକ ଝରଣା ରାଣୀ ହରିପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାରଥର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ଶେଷରେ ରଞ୍ଜୁ ରାଣୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଏହି ରଥ ଭାରତର ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ତାମିଲନାଡୁ, କେରଳ, ପଣ୍ଡିଚେରୀ, ଆନ୍ଧ୍ରପ୍ରଦେଶ, କର୍ନାଟକ, ଗୋଆ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିଆନା, ପଞ୍ଜାବ, ଜମ୍ମୁ, ହିମାଳୟ ପ୍ରଦେଶ, ଉତ୍ତରାଖଣ୍ଡ ଆଦି ରାଜ୍ୟ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ନୂତନ ପେନ୍‌ସନକୁ ବନ୍ଦ କରି ପୁରୁଣା ପେନ୍‌ସନ ଲାଗୁ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜ୍ୟ ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଶିକ୍ଷା ମଣିଷକୁ ବିଚାରବନ୍ତ କରିଥାଏ

କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶା)

କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଶୁକ୍ରବାର କୁଚିଣ୍ଡା କଲେଜରେ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର କୁଚିଣ୍ଡା ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ବିଭୁତିଭୂଷଣ ନାୟକ ମୁଖ୍ୟଅତିଥି, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ମୁଖ୍ୟବକ୍ତା, କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, ଆଲୁମ୍‌ନି ସଭାପତି ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚିବାର ଶୈଳୀ ପ୍ରଦାନ କରିବା ସହ ବିଚାରବନ୍ତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ଗତ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୪୯ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଦେବେନ୍ଦ୍ର ନାଏକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶିକ୍ଷକ ରତନଲାଲ ସିଂ, ରମାକାନ୍ତ ମହାକୁଲ, ସୁଗତ ପଟେଲ, ଅତୁଲ ଅଗ୍ରୱାଲ,ବିଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପ୍ରମୋଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



ବିଧାୟକଙ୍କୁ ସମସ୍ୟା ଜଣାଉଛନ୍ତି ୱାର୍ଡବାସୀ।

ସମ୍ବଲପୁର,୨୨।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଗଠନ ସମୟରେ ସମ୍ବଲପୁର ପୌରାଞ୍ଚଳ, ବୁର୍ଲା ଓ ହୀରାକୁଦ ଏନ୍‌ଏସି ସମେତ ଧନକଉଡ଼ା ବ୍ଲକର ୧୨ ପଞ୍ଚାୟତକୁ ସାମିଲ କରାଯାଇଥିଲା। ବର୍ତ୍ତମାନ ଏସ୍‌ଏମ୍‌ସିରେ ସମ୍ବଲପୁର ବିଧାନସଭା ବ୍ୟତୀତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର କିଛି ଅଂଶ ସାମିଲ ରହିଛି। ମହାନଗର ନିଗମ ଗଠନର ଦୀର୍ଘବର୍ଷ ବିତିଥିଲେ ମଧ୍ୟ ବର୍ତ୍ତମାନ ଯାଏ ଯୋଡ଼ି ହୋଇଥିବା ଉକ୍ତ ୧୨ ପଞ୍ଚାୟତର ଲୋକେ ପୌର ସୁବିଧାରୁ ବଞ୍ଚିତ ରହିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାୟକ ଶୁକ୍ରବାର ସମ୍ବଲପୁର ମହାନଗର ନିଗମର ୧ନଂ. ୱାର୍ଡ ବକବରା ଗ୍ରାମକୁ ଯାଇଥିଲେ। ଗତ ୧୭ରେ ଚିପିଲିମା ପାୱାର ଚ୍ୟାନେଲରେ ପଡ଼ି ନିଖୋଜ ଥିବା ଯୁବକ ଦ୍ରୋଣ ତରିଆଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟି ଆଲୋଚନା କରିଥିଲେ। ଦୀର୍ଘ ୫ଦିନ ପରେ ମଧ୍ୟ ନିଖୋଜ ଦ୍ରୋଣଙ୍କ ପତ୍ତା ମିଳିପାରି ନ ଥିବାରୁ ପରିବାର ଲୋକେ ଉଦ୍‌ବେଗ ପ୍ରକାଶ କରିଥିଲେ। ତାଙ୍କୁ ଖୋଜି ବାହାର କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ବ୍ୟବହାର କରାଯାଉ ବୋଲି ଓଡ଼ିଶା ଜଳବିଦ୍ୟୁତ ଉତ୍ପାଦନ ନିଗମର ୟୁନିଟ୍ ମୁଖ୍ୟ ଓ ସମ୍ବଲପୁର ଜିଲାପାଳଙ୍କୁ ବିଧାୟକ ନାୟକ ଅନୁରୋଧ କରିଥିଲେ। ପରେ ଗ୍ରାମର ଭାଗବତ ମଣ୍ଡପରେ ଉପସ୍ଥିତ ଗ୍ରାମବାସୀ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ସମାଧାନ ପାଇଁ ଅନୁରୋଧ କରିଥିଲେ। ସେଠାରେ ବିଧାୟକ ପାଣ୍ଠି ଓ ଅନ୍ୟାନ୍ୟ ପାଣ୍ଠିରେ ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକଙ୍କ ସମେତ ଦୀପକ କୁମ୍ଭାର, ଉମାକାନ୍ତ ମାଝି, ପିଣ୍ଟୁ ତରିଆ, ଗୋପୀନାଥ ନାଏକ, ପ୍ରେମରାଜ୍ ନାଏକ, ସୁରେନ୍ଦ୍ର ରାଉତ, ଜୟକିଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଯୁଗରେ ଗାନ୍ଧୀ ଆଦର୍ଶ ପ୍ରଯୁଜ୍ୟ

ସମ୍ବଲପୁର,୨୨।୯(ବି.ଶଙ୍କର)

**ଗାନ୍ଧୀ ପାନୋରମାରେ ପ୍ରଦର୍ଶିତ ହେଲା ଗାନ୍ଧିଜୀଙ୍କ ଚଳଚ୍ଚିତ୍ର**

ଅନ୍ତର୍ଜାତିକ ଚଳଚ୍ଚିତ୍ର ସମାରୋହ ଗାନ୍ଧୀ ପାନୋରାମା ଶୁକ୍ରବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମ୍ବଲପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ଭେଦ ଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶ୍ୱ ଦରବାରରେ ଭାରତ ଗାନ୍ଧିଜୀଙ୍କ ଦେଶ ଭାବରେ ପରିଚିତ। ସେ ହିଂସାର ଅହିଂସାର ମାର୍ଗ ଆପଣାଇଥିବାରୁ ଦେଶ ସ୍ୱାଧୀନ ହୋଇଥିଲା। ତାଙ୍କ ଆଦର୍ଶ ଆଜିର ଆଧୁନିକ ଯୁଗରେ ମଧ୍ୟ ପ୍ରଯୁଜ୍ୟ। ଏହାକୁ ଯୁବ ପିଢ଼ି ଆପଣାଇବା ଉଚିତ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଗାନ୍ଧୀ ପାନୋରାମାର ଅଧ୍ୟକ୍ଷ ଦେବେନ୍ଦ୍ର ଖେଣ୍ଡଲବାଲ ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିକୁ ଗାନ୍ଧୀଙ୍କ ଜୀବନ ଶୈଳୀ ଅବଗତ କାରାଇବା ଏହି ଚଳଚ୍ଚିତ୍ର ପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ବରିଷ୍ଠ କଳାକାର ବୃନ୍ଦାବନ ମହାରଣା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ଗାନ୍ଧୀ ପାନୋରାମାରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରେରିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, କଳାକାର, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଗାନ୍ଧୀ ପାନୋରାମାର ସଚିବ କେତକି କପାଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ପର୍ଯ୍ୟଟନ ବିଭାଗର ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ସମାରୋହରେ ଅତିଥିମାନେ।

# ଶିକ୍ଷକ ନିଯୁକ୍ତି ଦାବି: ତାଲା ପକାଇ ଧାରଣା

ନାକଟିଦେଉଳ,୨୨।୯(ବୈକୁଣ୍ଠ ନାଥ ସାହୁ)

ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ୬୧ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଜଣେ ମାତ୍ର ହିନ୍ଦୀ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପାଠପଢ଼ା ଚାଲିଛି। ଦୁଇଟି ଶ୍ରେଣୀରେ ଜଣେ ଶିକ୍ଷୟିତ୍ରୀ କିଭଳି ପାଠ ପଢ଼ାଉଥିବେ ତାହା ସହଜରେ ଅନୁମେୟ। ଶିକ୍ଷକ ନିଯୁକ୍ତି ଦାବି ନେଇ ଅଞ୍ଚଳବାସୀ ଗତ ୧୩ତାରିଖରେ ସମ୍ବଲପୁର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଇଥିଲେ। ୧୮ତାରିଖ ସୁଦ୍ଧା ଶିକ୍ଷକ ନିଯୁକ୍ତି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ପୂର୍ବ ନିଷ୍ପତ୍ତିକ୍ରମେ ଶୁକ୍ରବାର ସକାଳ ୧୦ଟାରେ ବିଦ୍ୟାଳୟ ସାମନାରେ ଗଣଧାରଣା ଦିଆଯାଇଥିଲା। ପୁରାତନ ଛାତ୍ରସଂସଦ ସଭାପତି ଲମ୍ବୋଦର ସ୍ୱାଇଁ, ସମ୍ପାଦକ ଅମରେନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତା ପ୍ରଧାନ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା, କୁମାରେଶ ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ ଧାରଣାରେ ସାମିଲ ହୋଇଥିଲେ। ଖବର ପାଇ ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମଙ୍ଗଳବାରଠାରୁ ୨ଜଣ ଶିକ୍ଷକଙ୍କୁ ସପ୍ତାହକୁ ୩ଦିନ ଲେଖାଏ ୧୦ରୁ ୪ଟା ପର୍ଯ୍ୟନ୍ତ ପାଠ ପଢ଼ାଇବା ପାଇଁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଥିବା ଛାତ୍ରୀଛାତ୍ର, ଅଭିଭାବକ।

## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟରେ ଚତୁର୍ଭୁଜଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର,୨୨ା୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଥିବା ସ୍ୱର୍ଗତ ଚତୁର୍ଭୁଜ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରାଯାଇଥିଲା । ଶୋକସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ,ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ, ଗତ ୧୯ ତାରିଖ ସନ୍ଧ୍ୟାରେ ଭିମସାର୍ ବୁର୍ଲାଠାରେ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ବିୟୋଗ ହୋଇଥିଲା। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ।

### ଶାଢ଼ି, ଖାଦ୍ୟ ବଣ୍ଟନ

ପଦ୍ମପୁର,୨୨ା୯(ପ୍ରଦୀପ୍ତ ଦାଶ)

ନୂଆଁଖାଇ ଅବସରରେ ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ବାଦୀମାଲ କୁଷ୍ଠ କଲୋନୀରେ ଶୁକ୍ରବାର ଶାଢି ଓ ଖାଦ୍ୟ ବଣ୍ଟନ କରାଯାଇଛି। ଅନୁଷ୍ଠାନ ସଭାପତି ପ୍ରୀତମ ମେହେରଙ୍କ ପ୍ରଦତ୍ତ ବିଭିନ୍ନ ସାମଗ୍ରୀକୁ ଲାୟନ୍ସ ଚିତ୍ତରଞ୍ଜନ ଦାଶ, ସନ୍ତୋଷିନୀ ରଥ, ରାଜକିଶୋର ଯୋଶୀ, ବିନୋଦ ମିଶ୍ର ପ୍ରମୁଖ ବଣ୍ଟନ କରିଥିଲେ।

### ସୋହେଲାରେ ଲୋକକଳା ଶିବିର

ସୋହେଲା,୨୨ା୯(ଅଶ୍ୱିନୀ ପାତ୍ର)

ସୋହେଲା ବ୍ଲକ ପରିସର ସଭା ଗୃହରେ ଦୁଇଦିନ ଧରି ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଶ୍ୱରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ବ୍ଲକ କଳା ସଂସ୍କୃତି ସଙ୍ଗଠନ ସଭାପତି ତଥା ବରିଷ୍ଠ ମଞ୍ଚ କଳାକାର କଳାକାହ୍ନୁ ଚୌହାନ ମୁଖ୍ୟ ଅତିଥି ଓ ବ୍ଲକ କଳା ସଂସ୍କୃତି ସଙ୍ଗଠନର ସମ୍ପାଦକ କିଶୋର ଗଡ଼ତିଆ, ଜେକେଏସ୍ଏସ୍ ଅମୃତ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସ୍ଏପି ପିଏ ପ୍ରେମଲାଲ ସିଦାର ସଭା ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଗୋପାଳ ସାହୁ, ଧନେଶ୍ୱର ସାହୁ ସହଯୋଗ କରିଥିଲେ। ଏହି ଅବସରରେ ସୋହେଲା ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା କଳାକାରମାନେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ। ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବୌଦ୍ଧ ଜିଲାରେ ବଢୁଛି ବେଆଇନ ମଦ କାରବାର

ବୌଦ୍ଧ,୨୨ା୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ବେଆଇନ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଜିଲାରେ ବର୍ତ୍ତମାନ ୧୪ ଗୋଟି ବିଦେଶୀ ମଦ ଦୋକାନ ଚାଲୁଥିବା ବେଳେ ୨୯ ଗୋଟି ଦେଶୀମଦ ଭାଟି ଚାଲୁଛି। ଏତେ ସଂଖ୍ୟାରେ ମଦ ଦୋକାନ ଥିବା ସତ୍ତ୍ୱେ ଜିଲାରେ ବ୍ୟାପକ ଭାବେ ବେଆଇନ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ମଦ କାରବାରକୁ ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀ ରୋକିବାରେ ଏକପ୍ରକାର ବିଫଳ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଏକ ଛୋଟିଆ ଜିଲା ହୋଇଥିବା ବେଳେ ୩ଟି ବ୍ଲକ ରହିଛି। ଜିଲାରେ ସରକାରୀ ଭାବରେ ୧୩ଟି ବିଦେଶୀ ମଦ ଦୋକାନ ରହିଥିବା ବେଳେ ଗୋଟିଏ ଅଫ ସପ୍ ରହିଛି। ସେହିପରି ୩୦ଟି ଦେଶୀ ମଦ ଭାଟି ରହିଥିବା ବେଳେ ସେଥିମଧ୍ୟରୁ ଗୋଟିଏ ବନ୍ଦ ରହିଛି । କଣ୍ଟାମାଳ ବ୍ଲକରେ ୧୪ ଦେଶୀ ଭାଟି ରହିଥିବା ବେଳେ ୪ ଗୋଟି ବିଦେଶୀ ମଦ ଦୋକାନ ରହିଛି । ବୌଦ୍ଧ ବ୍ଲକରେ ୭ଟି ଦେଶୀ ଭାଟି ଓ ୨ଟି ବିଦେଶୀ ମଦ ଦୋକାନ ରହିଛି । ହରଭଙ୍ଗା ବ୍ଲକରେ ୮ଟି ଦେଶୀ ଭାଟିରୁ ଗୋଟେ ବନ୍ଦ ରହିଛି ଓ ୪ଟି ବିଦେଶୀ ମଦ ଦୋକାନ ରହିଛି। ବୌଦ୍ଧ ସହରରେ ଗୋଟିଏ ଦେଶୀ ଭାଟି ରହିଥିବା ବେଳେ ୩ଟି ବିଦେଶୀ ମଦ ଦୋକାନ ଓ ଗୋଟିଏ ଅଫ୍ ସପ୍ ରହିଛି । ଜିଲାରେ ବେଆଇନ ଭାବେ କୁଟିଆ ମଦ ଦୋକାନ ଖୋଲାଯାଇ ଦିନ ଦ୍ୱିପ୍ରହରରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ବିଭିନ୍ନ ପାନ ଦୋକାନ, ଜାତୀୟ ରାଜପଥ ଢାବା, ଫାଷ୍ଟଫୁଡ ଦୋକାନ ଆଦିରେ ବ୍ୟାପକ ଭାବେ ମଦ ବିକ୍ରି ହେଉଛି। ମଦ ବିକ୍ରି ବନ୍ଦ ନେଇ ବହୁ ସମୟରେ ମହିଳାମାନେ ରାଜରାସ୍ତା ଅବରୋଧ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ଓ ରାଜସ୍ୱ ବୃଦ୍ଧି ଆଳରେ ଚୋରା ମଦ ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ କି ବେଆଇନ ମଦ ବିକ୍ରି ବନ୍ଦ ହେଉନାହିଁ । ମଦ କାରବାର ବୃଦ୍ଧି ଯୋଗୁ ବହୁ ପରିବାରରେ ଅଶାନ୍ତି, ପାରିବାରିକ କଳହ ଲାଗି ରହିଥିବା ବେଳେ ହିଂସା ଘଟୁଛି। ଏହା ମଧ୍ୟ ଜିଲାରେ ସଡକ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ଗୋଟିଏ ପଟେ ପ୍ରଶାସନ ମଦ୍ୟପାନ କରି ଗାଡିମୋଟର ନ ଚଳାଇବା ପାଇଁ ଲୋକଙ୍କୁ ସଚେତନ କରୁଛି। ଏପଟେ ଜିଲାରେ ବେଆଇନ ମଦ କାରବାର ବୃଦ୍ଧି ପାଉଥିଲେ ହେଁ ଏଥିପ୍ରତି କାହାରି ନଜର ଥିବା ପରି ମନେ ହେଉନାହିଁ। ବିଭିନ୍ନ ସ୍ଥାନରେ ସହଜରେ ମଦ ମିଳି ଯାଉଥିବାରୁ ଯୁବପିଢି ପଥଭ୍ରଷ୍ଟ ହେଉଛନ୍ତି। ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ନ ଲଗାଇଲେ ଆଗାମୀ ଦିନରେ ମଦ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

# ରୂପଶ୍ରୀ କଳା ପରିଷଦର ନୂଆଁଖାଇ ଭେଟଘାଟ



ଭେଟଘାଟ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥି।

ତରଭା,୨୨ା୯(ମାନଭଞ୍ଜନ ମିଶ୍ର)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ତରଭା ବ୍ଲକ ସିଂହାରୀ ଗ୍ରାମ ପଞ୍ଚାୟତର ସିଂହାରୀ ତଥା ଆଖପାଖ ଅଞ୍ଚଳରେ ବେଶ ଧୂମଧାମରେ ପାଳିତ ହୋଇଯାଇଛି। ନୂଆଁଖାଇ ଦିନ ଆରାଧ୍ୟ ଇଷ୍ଟ ଦେବାଦେବୀଙ୍କୁ ନବାନ୍ନ ଭୋଗ ଲଗାଇବା ପରେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ଅପରାହ୍ନରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ 'ରୂପଶ୍ରୀ କଳା ପରିଷଦ ସିଂହାରୀ' ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ-୨୦୨୩ ସିଂହାରୀ କଲ୍ୟାଣମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିମିତା ଚୁହାନ ଓ ଯୁକ୍ତାମୟୀ ଭୁଏ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଦୁର୍ବାଦଳ ସାହୁ ସଭାପତିତ୍ୱ କରିଥିଲେ। ରୂପଶ୍ରୀର ସଂପାଦକ କମଳ ଭୁଏ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସମିତି ସଭ୍ୟା ରଶ୍ମିତା କୁଅଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଜୟ ବୁଡେକ, ପ୍ରଧାନଶିକ୍ଷକ ପ୍ରହ୍ଲାଦ ଚୌହାନ, ସିଂହାରୀ ପାକ୍ସର ସଂପାଦକ ଅଜାମ୍ବିଳ ଚୌହାନ, ଶିକ୍ଷା ସଂଯୋଜକ ସୁରେଶ ଘିବେଲା, ରୂପଶ୍ରୀର ନାରୀନେତ୍ରୀ ସସ୍ମିତା ମିଶ୍ର, ପୀତବାସ ଘିବେଲା ଯୋଗଦେଇ ନୂଆଁଖାଇ ଭେଟଘାଟ ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରେ ସିଂହାରୀ ଗ୍ରାମରେ ନାଟ୍ୟ କଳା ଅବଦାନ ପାଇଁ କୃତିତ୍ୱ ଅର୍ଜନ କରିଥିବା ନାଟ୍ୟଗୁରୁ ସ୍ୱର୍ଗତ ଭିକାରୀ ଚରଣ ସାହୁ ଓ ନାଟ୍ୟଗୁରୁ ସ୍ୱର୍ଗତ କୁବେର କୁଅଁରଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରୂପଶ୍ରୀ କଳା ପରିଷଦ ତଥା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଲୋକଗୀତ, ଲୋକନୃତ୍ୟ, ହଳିଆ ଗୀତ, ସଂକୀର୍ତ୍ତନ୍ୟ, ଚୁଟକୁଚୁଟା ସନ୍ଧ୍ୟା ଆସରକୁ ସରଗରମ କରି ଦେଇଥିଲା। ମଞ୍ଚ ପରିଚାଳନା ରାଜୀବ ଭୁଏ କରିଥିବା ବେଳେ ବିମଳ କୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ସେବକ କୁଅଁର,ଶାନ୍ତନୁ ମାଝୀ, ଦେଶବନ୍ଧୁ କୁଅଁର, ପରମାନନ୍ଦ ସାହୁ, ମଙ୍ଗଲୁ କୁଅଁର, ସଙ୍କିତ ସାହୁ, ରଞ୍ଜନ ପ୍ରସାଦ ମିଶ୍ର ତଥା ରୂପଶ୍ରୀ କଳା ପରିଷଦ ସିଂହାରୀର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

### ୨୫ ଓ ୨୬ରେ ବୌଦ୍ଧ ଜିଲାର ୬୬୨ ବର୍ଗ ମହାବିଦ୍ୟାଳୟରେ ପାଠପଢ଼ା ବନ୍ଦ

ବାଉଁଶୁଣୀ,୨୨ା୯(ଦେବାଶିଷ ନେପାକ)

ନିଖିଳ ଓଡିଶା ୬୬୨(+୨ ଓ +୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଏକ ଆଭାସୀ ବୈଠକ ଗତ ୧୨ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ଜିଲାର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଦାବି ପୂରଣ ଦିଗରେ ସରକାରଙ୍କ ବୈମାତୃକ ଓ କାଳକ୍ଷେପଣ ନୀତିକୁ ଦୃଢ଼ ନିନ୍ଦା କରାଯାଇଥିଲା। ଦୀର୍ଘ ଦିନ ହେଲା ସଂଘର ଆନ୍ଦୋଳନ ସତ୍ତ୍ୱେ କୌଣସି ସମାଧାନ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ତେଣୁ ଆସନ୍ତା ୨୫ ଓ ୨୬ ତାରିଖ ଦିନ ରାଜ୍ୟର ୬୬୨ ବର୍ଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରର ଲୋୟର ପିଏମଜିରେ ଆନ୍ଦୋଳନରେ ସାମିଲ ହେବେ। ତେଣୁ ବୌଦ୍ଧ ଜିଲାର ୬୬୨ ବର୍ଗର ସମସ୍ତ ମହାବିଦ୍ୟାଳୟ ଏହି ଦୁଇ ଦିନ ବନ୍ଦ ରହିବ। ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱର ଯିବେ ବୋଲି ଜିଲାର ଆବାହକ ମାନଭଞ୍ଜନ ତ୍ରିପାଠୀ କହିଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୨ା୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପରିମଳ ବିଭାଗର ମାଷ୍ଟର୍ ଟ୍ରେନର୍ ପୂର୍ଣ୍ଣ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ରଞ୍ଜନ କୁମାର ପାତ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ସ୍ୱାଇଁ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଓ ଆବର୍ଜନା ମୁକ୍ତ ଭାରତ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାନୁପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରମାକାନ୍ତ କର୍ଣ୍ଣ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପରିଡା,ଗୀତାଞ୍ଜଳି ପ୍ରଧାନଙ୍କ ସମେତ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଚନ୍ଦନ



@ ଗୋଦାବରୀଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗର ସହକାରୀ ନିର୍ଦ୍ଦେଶିକାଙ୍କ ବୌଦ୍ଧ ଗସ୍ତ



ସଂଗ୍ରହାଳୟ ପରିସରରେ ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗର ସହକାରୀ ନିର୍ଦ୍ଦେଶିକା ପ୍ରଣତି ପାତ୍ର ଓ ଅନ୍ୟମାନେ।

ବୌଦ୍ଧ,୨୨ା୯(ଅଜିତ କୁମାର ବାରିକ)

ଏସଟି ଏସସି ଉନ୍ନୟନ ବିଭାଗର ସହକାରୀ ନିର୍ଦ୍ଦେଶିକା ପ୍ରଣତି ପାତ୍ର ଶୁକ୍ରବାର ଦିନ ବୌଦ୍ଧ ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲାର କଣ୍ଟାମାଳ ବ୍ଲକର ସିନ୍ଧୁଗୋରା ଓ ବରଗୋଛା ଆଶ୍ରମ ବିଦ୍ୟାଳୟ ପରିସରରେ ଅଭିଭାବକ ଅଶିଂଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପାତ୍ର ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସାମିଲ ଥିଲେ। ଅପରାହ୍ନରେ ସହକାରୀ ନିର୍ଦ୍ଦେଶିକା ପାତ୍ର ଜିଲା ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସଂଗ୍ରହାଳୟ ପରିଦର୍ଶନ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପୋଖରୀରେ ପଡ଼ି ଯୁବକଙ୍କ ମୃତ୍ୟୁ

କଣ୍ଟାମାଳ,୨୨ା୯( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ମହୁଲବାହାଲି ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ଦୁର୍ଘଟଣାରୁ ପୋଖରୀରେ ପଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ, ମହୁଲବାହାଲି ଗ୍ରାମର କବି ମେହେର ଗୁରୁବାର ରାତିରେ ନିଜ ଗାଁକୁ ମୋଟର ସାଇକେଲ ଯୋଗେ ଫେରୁଥିବା ବେଳେ କୌଣସି କାରଣରୁ ବନ୍ଧହୁଡାରେ ଦୁର୍ଘଟଣାଗ୍ରସ୍ତ ହୋଇ ପାଣିରେ ପଡି ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଏହି ସମୟରେ ସେ ପୋଖରୀରେ ପଡିଥିବା ଦେଖିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମନମୁଣ୍ଡା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗିରଫ

ଭବାନୀପାଟଣା,୨୨ା୯(ଉତ୍ତମ କୁମାର ଦାଶ)

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅର୍ଥ ହଡ଼ପ ଅଭିଯୋଗ**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅର୍ଥ ହଡ଼ପ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଶୁକ୍ରବାର କେଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ସନ୍ଧ୍ୟାରେ ଧର୍ମଗଡ଼ ଏସ୍‌ଡିପିଓ ଧିରଜ କୁମାର ଚୋପଦାର୍ ପ୍ରେସ ରିଲିଜ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ମକ୍ରାଗୁଡା ଗ୍ରାମରେ ୨୦୨୧-୨୨ରେ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଓ ତାଙ୍କ ସହଯୋଗୀ ବାଳକୃଷ୍ଣ ପଟେଲ ଅନୈତିକ ଉପାୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଲୋକଙ୍କୁ ଠକି ଟଙ୍କା ହେରଫେର କରିଥିଲେ। ଯେଉଁମାନଙ୍କ ଗ୍ରାମରେ ଜମି ରହିଥିଲା, ସେମାନଙ୍କୁ କିଛି ଟଙ୍କା ଦେଇ ସେମାନଙ୍କଠାରୁ ବ୍ୟାଙ୍କ ପାସବୁକ, ଡେବିଟ କାର୍ଡ, ଆଧାର କାର୍ଡ ଆଦାୟ କରୁଥିଲେ। ଏହାସହ ସେମାନଙ୍କ ଆରଓଆର/ଜମିର କାଗଜ ପତ୍ର ମଧ୍ୟ ମୋବାଇଲ ଜରିଆରେ ଭୁଲେଖରୁ କାଢୁଥିଲେ। ପରେ ନକଲି ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ପାସବୁକ ଓ ଆଧାର କାର୍ଡକୁ ଲିଙ୍କ କରି ପ୍ରଧାନମନ୍ତ୍ରୀ ଫସଲ ଯୋଜନା ପାଇଁ ଦରଖାସ୍ତ ଆବେଦନ କରୁଥିଲେ। ବୀମା ରାଶି ନାଁରେ ଯେଉଁ ଟଙ୍କା ଜମା ହେଉଥିଲା। ଗାଁ ଲୋକଙ୍କ ଖାତାରେ ତାହା ଉଠାଯାଉଥିଲା। କିଛି ଟଙ୍କା ସେମାନଙ୍କୁ ଦିଆଯାଉଥିବାବେଳେ ବଡ଼ ପରିମାଣର ଟଙ୍କା ସେମାନେ ଜାଲ ଦସ୍ତାବିଜ ଦେଇ ଠକି ନେଉଥିଲେ। କେବଳ ମକ୍ରାଗୁଡା ଗ୍ରାମରେ ଏହି ଯୋଜନାରେ ୨୫ ଲକ୍ଷ ଟଙ୍କା ଉଠାଯାଇଛି। ଗ୍ରାମର ଯେଉଁମାନଙ୍କ ଜମି ବାଡ଼ି ନ ଥିଲା, ସେମାନଙ୍କୁ ବୀମା ରାଶି ଟଙ୍କା ପାଇଥିଲେ। କିନ୍ତୁ ପ୍ରକୃତ ହିତାଧିକାରୀ ଏଥିରେ ବଞ୍ଚିତ ହୋଇଥିଲେ। ଏହି ଘଟଣା ନେଇ ଗତ ୧୭ ତାରିଖରେ ମକ୍ରାଗୁଡା ଗ୍ରାମର କ୍ଷେତ୍ର ମୋହନ ବାଗ ନାମକ ଜଣେ ଚାଷୀ କେଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କ୍ଷେତ୍ର ମୋହନଙ୍କ ଅଜାଣତରେ ତାଙ୍କ ନାମରେ କେହି ବୀମା ରାଶି ଟଙ୍କା ଉଠାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୧୯୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପ୍ରଥମେ ଏଥିରେ ସମ୍ପୃକ୍ତ ବାଳକୃଷ୍ଣ ପଟେଲଙ୍କୁ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷଙ୍କୁ ଗିରଫ କରିଥିଲା।



ପୋଲିସ ବ୍ଲକ ଅଧ୍ୟକ୍ଷଙ୍କୁ ଗିରଫ କରି ନେଉଛି।

# ସରକାରୀ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ ଦାବି

ଅମରପାଲି,୨୨ା୯(ପୀତାମ୍ବର ସାହୁ)



ତହସିଲଦାରଙ୍କୁ ଦାବିପତ୍ର ଦେବା ପାଇଁ ଯାଇଥିବା ଲୁତୁରପଙ୍କ ଗ୍ରାମବାସୀ।

- ତହସିଲଦାରଙ୍କୁ ଦାବିପତ୍ର ଦେଲେ ଲୁତୁରପଙ୍କ ଗ୍ରାମବାସୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ତହସିଲଦାର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ କେନଝିରିଆପାଲି ଆର.ଆଇ ସର୍କଲ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମରେ ସରକାରୀ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଗ୍ରାମବାସୀ ଶୁକ୍ରବାର ଦିନ ବୀରମହାରାଜପୁର ତହସିଲଦାର ବିବୁଧ ଗଡ଼ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, କେତେଜଣ ବ୍ୟକ୍ତି ଗାଁରେ ଥିବା ବିଭିନ୍ନ କିସମର ସରକାରୀ ଜମିକୁ ଜବରଦଖଲ କରି ଚାଷଜମି କରିବା ଓ ବାଡ ଦେଇଦେବା ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଭୁଲିଆବନ୍ଧଠାରେ ଥିବା ସରକାରୀ ଜମିକୁ ଗ୍ରାମର ୩ ଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେହିପରି ଅନ୍ୟ ଏକ ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ଧାନ ଚାଷ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଜବରଦଖଲକାରୀମାନେ ଭୂମିହୀନ ନୁହନ୍ତି। ଆଗରୁ ମଧ୍ୟ ଭୁଲିଆବନ୍ଧଠାରେ ଜବରଦଖଲ ଉଦ୍ୟମ ହୋଇଥିଲା। ଗ୍ରାମବାସୀ ଏନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ସରଜମିନ ତଦନ୍ତ କରି ଜବରଦଖଲ ବନ୍ଦ କରିଥିଲେ। ଭୁଲିଆବନ୍ଧ ହେଉଛି ଲୁତୁରପଙ୍କ ଗ୍ରାମର ଜୀବନରେଖା। ଗ୍ରାମର ପ୍ରାୟ ୨୫୦ ଏକର ଚାଷ ଜମିକୁ ଉକ୍ତ ବନ୍ଧ (ପୋଖରୀ)ରୁ ଜଳସେଚନ କରାଯାଇଥାଏ। ତେଣୁ ଉକ୍ତ ପୋଖରୀରୁ ଜବରଦଖଲ ଉଚ୍ଛେଦ ଦାବି କରିଛନ୍ତି ଗ୍ରାମବାସୀ। ଏଥିସହିତ ଲୁତୁରପଙ୍କ (ମେଟକାନି) ନିକଟରେ ଥିବା ନର୍ସରୀ ଏରିଆ ପାର୍ଶ୍ୱରେ ମଧ୍ୟ ଜବର ଦଖଲ କରାଯାଇଛି। ଏଣୁ ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ ବୀରମହାରାଜପୁର ତହସିଲଦାର ଗଡ଼ନାୟକଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ଶଶୀଭୂଷଣ ବାରିକ, ହୃଷୀକେଶ ଖିଲାର, ପୃଥୀରାଜ ମହକୁର, ସୁରେନ୍ଦ୍ର କୁମାର ପ୍ରଧାନ, ସୁଜିତ ମହକୁରଙ୍କ ସମେତ ଶତାଧିକ ଗ୍ରାମବାସୀ ତହସିଲକୁ ଯାଇ ଦାବିପତ୍ର ଦେଇଥିଲେ। ତହସିଲଦାର ଗଡ଼ନାୟକ ରାଜସ୍ୱ ଅଧିକାରୀଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେବା ସହ ତୁରନ୍ତ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟରେ ଚତୁର୍ଭୁଜଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର,୨୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଥିବା ସ୍ୱର୍ଗତ ଚତୁର୍ଭୁଜ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରାଯାଇଥିଲା । ଶୋକସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ,ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ, ଗତ ୧୯ ତାରିଖ ସନ୍ଧ୍ୟାରେ ଭିମସାର୍ ବୁର୍ଲାଠାରେ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ବିୟୋଗ ହୋଇଥିଲା। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ।

### ସୋହେଲାରେ ଲୋକକଳା ଶିବିର

ସୋହେଲା,୨୨।୯(ଅଶ୍ୱିନୀ ପାତ୍ର)

ସୋହେଲା ବ୍ଲକ ପରିସର ସଭା ଗୃହରେ ଦୁଇଦିନ ଧରି ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଶ୍ୱରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ବ୍ଲକ କଳା ସଂସ୍କୃତି ସଙ୍ଗଠନ ସଭାପତି ତଥା ବରିଷ୍ଠ ମଞ୍ଚ କଳାକାର କଳାକାହ୍ନୁ ଚୌହାନ ମୁଖ୍ୟ ଅତିଥି ଓ ବ୍ଲକ କଳା ସଂସ୍କୃତି ସଙ୍ଗଠନର ସମ୍ପାଦକ କିଶୋର ଗଡ଼ତିଆ, ଜେକେଏସ୍ଏସ୍ ଅମୃତ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସ୍ଏପି ପିଏ ପ୍ରେମଲାଲ ସିଦାର ସଭା ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଗୋପାଳ ସାହୁ, ଧନେଶ୍ୱର ସାହୁ ସହଯୋଗ କରିଥିଲେ।

### ଦିଲ୍ଲୀରେ ଚତୁର୍ଥ ନଦୀ ଉତ୍ସବ ଚଳଚ୍ଚିତ୍ର ଭାବେ ପ୍ରଦର୍ଶିତ ହେଲା ମହାନଦୀ



ଆୟୋଜିତ ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା।

ରେଙ୍ଗାଲି,୨୨।୯(ଦେବବ୍ରତ ପଣ୍ଡା): ପ୍ରଥମ ଓଡ଼ିଆ ଡକ୍ୟୁମେଣ୍ଟାରୀ ଭାବରେ ଦିଲ୍ଲୀରେ ଆୟୋଜିତ ଚତୁର୍ଥ ନଦୀ ଉତ୍ସବରେ ଉଦ୍‌ଘାଟନୀ ଚଳଚ୍ଚିତ୍ର ଭାବରେ ପ୍ରଦର୍ଶିତ ହୋଇଛି ମହାନଦୀ। ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ସେଣ୍ଟର ଫର ଆର୍ଟ (ଆଇଜିଏନସିଏ), କଳା ଓ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ ଏକ ଅନୁଷ୍ଠାନ ଗତ କିଛିବର୍ଷ ଧରି ନଦୀ ଉତ୍ସବ ଆୟୋଜନ କରିଆସୁଛି। ଦେଶର ପ୍ରାୟ ସମସ୍ତ ରାଜ୍ୟରୁ ଚଳଚ୍ଚିତ୍ର ନିର୍ମାତା ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ ପାଇଁ ଚଳଚ୍ଚିତ୍ର ପଠାଇଥିଲେ। ସେଥିମଧ୍ୟରୁ ୧୨ଟି ସ୍କ୍ରିନିଂ ପାଇଁ ମନୋନୀତ ହୋଇଥିଲା। ଏହି ତିନି ଦିନିଆ ନଦୀ ମହୋତ୍ସବରେ ଉଦ୍‌ଘାଟନୀ ଚଳଚ୍ଚିତ୍ର ଭାବରେ ମହାନଦୀ-କବିଙ୍କ କଳ୍ପନାରେ ନଦୀ ମନୋନୀତ ହୋଇଥିଲା।




ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସରେ ଅତିଥି ଓ ଅନ୍ୟମାନେ।

# ଓଏଭିର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ

ଦେବଗଡ଼, ୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଶୁକ୍ରବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ, ତିଲେଇବଣି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ପଙ୍କଜିନୀ ସୋନା, ବାରକୋଟ ଓଏଭି ଅଧ୍ୟକ୍ଷ ଅଭିଳାଶ ବାନାର୍ଜୀ ଓ ବୁଢାପାଳ(ରିଆମାଳ)ସ୍ଥିତ ଓଏଭି ଅଧ୍ୟକ୍ଷ ମନମୋହନ ସାହୁ, ମୁଖ୍ୟବକ୍ତାଭାବେ ତିଲେଇବଣି ବ୍ଲକର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ବାରକୋଟ ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ, ତିଲେଇବଣି ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ପଙ୍କଜିନୀ ସୋନା, ବାରକୋଟ ଓଏଭି ଅଧ୍ୟକ୍ଷ ଅଭିଳାଶ ବାନାର୍ଜୀ ଓ ବୁଢାପାଳ(ରିଆମାଳ)ସ୍ଥିତ ଓଏଭି ଅଧ୍ୟକ୍ଷ ମନମୋହନ ସାହୁ ଯୋଗଦେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଓଏଭି ଏବଂ ଜିଲା ଶିକ୍ଷା ବିଭାଗ କର୍ମଚାରୀ ଓ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଡୁମୁଲିଆ କିଷାନ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

ବାଲିଶଙ୍କରା,୨୨।୯(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଡୁମୁଲିଆଠାରେ ଥିବା ୫୫୦ କିଷାନ ସମାଜ ଆଞ୍ଚଳିକ ଗୁଡ଼ି ପକ୍ଷରୁ ନୂଆଁଖାଇ ଜୁହାର ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ଆଦିବାସୀ ଭବନଠାରେ କିସାନ ସମାଜ ମୁଖିଆ ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭେଟଘାଟ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା'ସମଲେଇ ଓ ନୂଆଧାନ କେଣ୍ଡା ଅନ୍ନପୂର୍ଣ୍ଣାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏ ଅବସରରେ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କୁ



ନୂଆଁଖାଇ ଜୁହାର ଭେଟଘାଟ୍ କାର୍ଯ୍ୟକ୍ରମ।

ଫୁଲ ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯିବା ସହ ଛୋଟମାନଙ୍କ ଦ୍ୱାରା ମୁଣ୍ଡିଆ ମରାଯାଇ ବଡ଼ମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ଏହା ପରେ ଉପସ୍ଥିତ ସମାଜର ବୟୋଜ୍ୟେଷ୍ଠମାନେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ତିହାର ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନ୍ୟୁ ସୁପରଭାଇଜର ଭୀମସେନ୍ ମାଝି, ଗୋପୀ କିଷାନ, ମଙ୍ଗଶିର ଲାକ୍ରା, ଗୋବର୍ଦ୍ଧନ ମାଝି, କାର୍ତ୍ତିକ ମାଝି, ବୁଧୁଆ ମିଞ୍ଜ, ଜନ୍ମେଜୟ ବାଡ଼ା, ଅଶୋକ ମିଞ୍ଜ, ଦୟାନନ୍ଦ କଚ୍ଛୁ, ଶଙ୍କର ମାଝୀ, ଭୀମ ଲାକାଡ଼ା, ମହାଦେବ ମାଝି, ଘନଶ୍ୟାମ ମହାକୁଳ, ସନ୍ତୋଷ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିନ୍ ଲାକାଡ଼ା, ମହେନ୍ଦ୍ର ମାଝି, ଅମୂଲ୍ୟ ମାଝି, ମୋହିନୀ ମାଝି, ସୁରଭି ମାଝି ପ୍ରମୁଖ ପରିଚାଳନା କରିଥିଲେ।



ଦେବଗଡ଼ ଗଣେଶ ମେଳାର ମୁଖ୍ୟ ତୋରଣ।

# ସମ୍ବଲପୁରୀ ନୃତ୍ୟ, ଗୀତରେ ଦୁଲୁକିଲା ମଞ୍ଚ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସମ୍ବଲପୁର,୨୨।୯(ବି.ଶଙ୍କର)

**ସିନ୍ଦୂରପଙ୍କରେ ନୂଆଁଖାଇ ଭେଟ**

ସିନ୍ଦୂରପଙ୍କ ସାଂସ୍କୃତିକ ସଂଗଠନ ପକ୍ଷରୁ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି। ସମ୍ବଲପୁରୀ ନୃତ୍ୟ, ଗୀତ ଓ ବାଦ୍ୟରେ ସିନ୍ଦୂରପଙ୍କ କଲ୍ୟାଣ ମଣ୍ଡପ ଦୁଲୁକି ଉଠିଥିଲା। ସଂଗଠନର ସଭାପତି ବିକାଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ, ସଂସ୍କୃତି ସଂଗଠକ ସପନ ମିଶ୍ର, ବିଜେଡି ଯୁଗ୍ମ ସମ୍ପାଦକ ଦିଲୀପ ଦୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଶ୍ରୀ କଳା ପରିଷଦ, ନଟରାଜ ଗ୍ରୁପର କଳାକାର, ଗୁରୁ ତେଜରାଜ ନାୟକ, ପଦ୍ମଶ୍ରୀ ଖଟେଇ, ସୌରଭ ଷଡଙ୍ଗୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ସମ୍ପାଦକ ପ୍ରଜ୍ଜ୍ୱଳ ପଣ୍ଡା, ସାଧାରଣ ସମ୍ପାଦକ ଅନମୋଲ ଦାଶ, କୋଷାଧ୍ୟକ୍ଷ ସୌରଭ ଦାଶ, ନିଗମ ପାଣିଗ୍ରାହୀ ପରିଚାଳନା କରିଥିଲେ ।

### ୨୫ ଓ ୨୬ରେ ବୌଦ୍ଧ ଜିଲାର ୬୬୨ ବର୍ଗ ମହାବିଦ୍ୟାଳୟରେ ପାଠପଢ଼ା ବନ୍ଦ

ବାଉଁଶୁଣୀ,୨୨।୯(ଦେବାଶିଷ ନେପାକ)

ନିଖିଳ ଓଡିଶା ୬୬୨(+୨ ଓ +୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଏକ ଆଭାସୀ ବୈଠକ ଗତ ୧୨ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ଜିଲାର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଦାବି ପୂରଣ ଦିଗରେ ସରକାରଙ୍କ ବୈମାତୃକ ଓ କାଳକ୍ଷେପଣ ନୀତିକୁ ଦୃଢ଼ ନିନ୍ଦା କରାଯାଇଥିଲା। ଦୀର୍ଘ ଦିନ ହେଲା ସଂଘର ଆନ୍ଦୋଳନ ସତ୍ତ୍ୱେ କୌଣସି ସମାଧାନ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ତେଣୁ ଆସନ୍ତା ୨୫ ଓ ୨୬ ତାରିଖ ଦିନ ରାଜ୍ୟର ୬୬୨ ବର୍ଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରର ଲୋୟର ପିଏମଜିରେ ଆନ୍ଦୋଳନରେ ସାମିଲ ହେବେ। ତେଣୁ ବୌଦ୍ଧ ଜିଲାର ୬୬୨ ବର୍ଗର ସମସ୍ତ ମହାବିଦ୍ୟାଳୟ ଏହି ଦୁଇ ଦିନ ବନ୍ଦ ରହିବ। ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱର ଯିବେ ବୋଲି ଜିଲାର ଆବାହକ ମାନଭଞ୍ଜନ ତ୍ରିପାଠୀ କହିଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୨।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପରିମଳ ବିଭାଗର ମାଷ୍ଟର୍ ଟ୍ରେନର୍ ପୂର୍ଣ୍ଣ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ରଞ୍ଜନ କୁମାର ପାତ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ସ୍ୱାଇଁ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଓ ଆବର୍ଜନା ମୁକ୍ତ ଭାରତ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାନୁପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରମାକାନ୍ତ କର୍ଣ୍ଣ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପରିଡା,ଗୀତାଞ୍ଜଳି ପ୍ରଧାନଙ୍କ ସମେତ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବାସହରାଙ୍କୁ ବାସ ଦେଲା ସାଥୀ



ସାଥୀ ପକ୍ଷରୁ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି।

ସମ୍ବଲପୁର,୨୨।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ସହର ସାଥୀ ଚେରିଟେବୁଲ ସଂସ୍ଥା ଅସହାୟମାନଙ୍କୁ ସ୍ୱାସ୍ଥ୍ୟସେବା, ଘର ନିର୍ମାଣ, ଆମ୍ବୁଲାନ୍ସ ସେବା ପ୍ରଦାନ ଭଳି ବିଭିନ୍ନ ସମାଜିକ କାର୍ଯ୍ୟ କରିଆସୁଛି। ଏହି ଅନୁଷ୍ଠାନ ସମ୍ବଲପୁର ମହାନଗର ନିଗମ ୨ନଂ. ୱାର୍ଡ ବୈଦିଆପଡ଼ାର ୮୦ ବର୍ଷିୟା ବୃଦ୍ଧା କୋଇଲି ବିଲୁଙ୍ଗଙ୍କୁ ନୂଆଘର ପ୍ରଦାନ କରି ତାଙ୍କ ମୁହଁରେ ହସ ଦେଇଛି। ନୂଆଁଖାଇ ଉତ୍ସାହର ସହ ଚାଲିଥିବା ବେଳେ ନୂଆଘର ପାଇ କୁଇଲିଙ୍କ ପରିବାର ବେଶ୍ ଖୁସି ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ଗୋଡ ହରାଇଥିବା ଗ୍ରାମର ଦିବ୍ୟାଙ୍ଗ ଚୈତନ୍ୟ କୁମ୍ଭାର ଘରକୁ ଉଦ୍‌ଘାଟନ କରିଥିଲେ। କଳାମାଟି ସରପଞ୍ଚ ଡ. ସୁଷମା ସାହୁଙ୍କ ଉପସ୍ଥିତିରେ କୋଇଲି ଓ ପୁଅ ରାଜେଶ (୫୨)ଙ୍କୁ ଘରକୁ ପ୍ରବେଶ କରାଇଥିଲେ। ସାଥୀ ସଭାପତି ପୂର୍ବତନ ସମ୍ବଲପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ସିଦ୍ଧାର୍ଥ ସାହା କହିଛନ୍ତି, କୋଇଲି ଓ ତାଙ୍କ ପୁଅ ରାଜେଶ ଦିନମଜୁରି କରି ଦୀର୍ଘ ୪୦ବର୍ଷ ହେବ ଏକ ଝୁମ୍ପୁଡ଼ି ଘରେ ରହିଆସୁଥିଲେ। ଉଭୟ ମା' ଓ ପୁଅ ମଧ୍ୟ ବିଭିନ୍ନ ରୋଗରେ ପୀଡିତ ଅଛନ୍ତି। ଏ ନେଇ ଗ୍ରାମର ଯୁବକ ପିଙ୍କୁ ସିଂ ଓ ଗ୍ରାମବାସୀ ସାଥୀ ସହ ଯୋଗାଯୋଗ କରିଥିଲେ। ଏହା ପରେ ସହଯୋଗ କରି ଘର ନିର୍ମାଣ ଆରମ୍ଭ ହୋଇଥିଲା। ୧୫ରୁ ୨୦ଦିନ ମଧ୍ୟରେ ଘର ତିଆରି ହେବା ପରେ ପରିବାର ଗୃହ ପ୍ରବେଶ ହୋଇଥିଲେ। ଆଗକୁ ତାଙ୍କ ପରିବାରକୁ କେମିତି ସରକାରୀ ସୁବିଧା ମିଳିବ ସେ ନେଇ ଚେଷ୍ଟା କରାଯିବ ବୋଲି ସେ କହିଥିଲେ।

# ବାରକୋଟ କାଳୀପୂଜା କମିଟିର ପ୍ରସ୍ତୁତି ବୈଠକ

ଦେବଗଡ଼, ୨୨।୯(ଶଶାଙ୍କ ଶେଖର ଝାଙ୍କର)

ପବିତ୍ର କାଳୀପୂଜା ଆୟୋଜନ ନିମନ୍ତେ ଦେବଗଡ଼ ଜିଲାର ପ୍ରସିଦ୍ଧ କାଳୀପୂଜା ଆୟୋଜନକାରୀ ବାରକୋଟ କାଳୀପୂଜା କମିଟି ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଜିଲା ପରିଷଦ ଜୋନ-୨ର ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସମରେନ୍ଦ୍ର କୁମାର ଜିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନ୍ୟାନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷର ପୂଜାକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ଆଲୋଚନା ହୋଇଥିଲା। ଗତବର୍ଷ ଆୟୋଜିତ କାଳୀପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରାଯିବା ସହ ଚଳିତବର୍ଷ କିଭଳି ଶାନ୍ତିଶୃଙ୍ଖଳା ଓ ଅଧିକ ଜାକଜମକର ସହିତ କାଳୀପୂଜା ଉତ୍ସବ ପାଳନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଚଳିତବର୍ଷ ପୂଜା ଆୟୋଜନ ନିମନ୍ତେ ସାର୍ବଜନୀନ କାଳୀପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଡଁରା (ବାରକୋଟ) ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ପାଣି, ଉପସଭାପତି ଭାବେ କ୍ଷମାନିଧି ସାହୁ, ସମ୍ପାଦକ ଭାବେ ଦୀପକ କୁମାର ମହାପାତ୍ର, ସହସମ୍ପାଦକ ଭାବେ କାର୍ତ୍ତିକ କୁମାର ସାମଲ, କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ମହାନ୍ତ, ସହ କୋଷାଧ୍ୟକ୍ଷ ଭାବେ ସତ୍ୟବ୍ରତ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏଥିସହ କମିଟିର ଉପଦେଷ୍ଟା ଭାବେ ସତ୍ୟନାରାୟଣ ପାଣି ଓ ଗଣନାଥ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଉପଦେଷ୍ଟା ଗଣନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରୀତି ପ୍ରତୀକ୍ଷା ନୂଆଁଖାଇ ନନି, କୁମୁଦିନୀ ନୂଆଁଖାଇ ବୋହୂ ବିଜେତା

ସମ୍ବଲପୁର,୨୨।୯(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ଯୁବତୀ ଓ ମହିଳାମାନଙ୍କୁ ନେଇ ଏକ ରିଏଲିଟି ଶୋ ନୂଆଁଖାଇ ନନି ସମ୍ବଲପୁର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ପ୍ରୀତି ପ୍ରତୀକ୍ଷା ସାହୁ ଓ ପଦ୍ମପୁରର କୁମୁଦିନୀ ସାହୁ ଯଥାକ୍ରମେ ନୂଆଖାଇ ନନି ଓ ବୋହୂ ବିଜେତା ହୋଇଛନ୍ତି। ସେହିପରି ନନି ବିଭାଗରେ ବରଗଡର ସିଦ୍ଧିମୟୀ ମହାପାତ୍ର ବେଷ୍ଟ କଷ୍ଟ୍ୟୁମ୍, କୁଚିଣ୍ଡାର ନିରୁପମା କିଷାନ ବେଷ୍ଟ ଟ୍ୟାଲେଣ୍ଟ, ସମ୍ବଲପୁରର ପ୍ରତ୍ୟୁଷା ମେହେର ବେଷ୍ଟ ଫଟୋଜେନିକ ଟ୍ରଫି ହାସଲ କରିଛନ୍ତି । ବୋହୂ ବିଭାଗରେ ନୂଆପଡ଼ାର ଅହଲ୍ୟା ମଟାରି ବେଷ୍ଟ ଟ୍ୟାଲେଣ୍ଟ,



ପ୍ରୀତି ପ୍ରତୀକ୍ଷା ସାହୁ।



କୁମୁଦିନୀ ସାହୁ

ସୋନପୁର୍‌ର ଆରୁନି ତ୍ରିପାଠୀ ବେଷ୍ଟ କଷ୍ଟ୍ୟୁମ, ରାଉରକେଲାର ଶୁଭଶ୍ରୀ ନାୟକ ବେଷ୍ଟ ଫଟୋଜନିକ, ମାନେଶ୍ୱରର ରୀମା ହୋତା ଓ ବରଗଡର ରେଶ୍ମନ୍ତି ଦୋରା ଜୁରି ଆୱାର୍ଡ଼ରେ ପୁରସ୍କୃତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ନଗଦ ଟଙ୍କା ସହିତ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଫୁଟ୍‌ବଲ ପ୍ରତିଯୋଗିତା : ନରସିଂହପୁର ଚାମ୍ପିୟନ

ଦେବଗଡ଼,୨୨।୯ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ପଞ୍ଚାୟତ ବାଇଧରନଗର ଗ୍ରାମରେ ରାଧାକୃଷ୍ଣ ଯୁବ ପରିଷଦ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲା ଫପଣ୍ଡ ଫୁଟବଲ ଦଳକୁ ୪-୨ ଗୋଲରେ ପରାସ୍ତ କରି ନରସିଂହପୁର ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ରେଫେରୀ ଭାବେ ସୋମନାଥ ମୁର୍ମୁ, ଚନ୍ଦନ ସାହୁ, ରଘୁନାଥ ସୋଏ ଓ ସୁନୀଲ ଗଡନାୟକ ଖେଳ ପରିଚାଳନା କରିଥିଲେ। ଅପରାହ୍ନରେ



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଆୟୋଜକ ରାଧାକୃଷ୍ଣ ଯୁବ ପରିଷଦ ସଭାପତି ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ଚାମ୍ପିୟନ ନରସିଂହପୁର ଓ ରନର୍ସ ଅପ ଫପଣ୍ଡ ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଅନୁଷ୍ଠାନର ଧିରେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ରାଧାକୃଷ୍ଣ ଯୁବ ପରିଷଦର ଦୁଷ୍ମନ୍ତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

